

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୬ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 26 NOVEMBER 2022
Vol.No. 33 ■ No. 307 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ....
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଅସ୍ଥିର ରାଜସ୍ଥାନ ରାଜନୀତି

# ବଢୁଛି ଗେହଲଟ ଓ ପାଇଲଟ ବିବାଦ



ନୂଆଦିଲ୍ଲୀ, ୨୫/୧୧ : ରାଜସ୍ଥାନରେ ଘନଉଛି ଗେହେଲଟ ଓ ପାଇଲଟ ବିବାଦ । ବେଶ କିଛି ଦିନ ହେବ ମୁଖ୍ୟମନ୍ତ୍ରୀ ଅଶୋକ ଗେହେଲଟ ଓ ଯୁବ ନେତା ସଚିନ ପାଇଲଟଙ୍କ ମଧ୍ୟରେ ଯେଉଁ ଶୀତଳ ଯୁଦ୍ଧ ଚାଲିଛି ତାହା ଦିନକୁ ଦିନ ବଡ ବିବାଦର ରୂପ ନେଉଛି । ଗୁରୁବାର ପାଇଲଟଙ୍କୁ ଆକ୍ଷେପ କରି ଗେହେଲଟ କହିଥିଲେ କି ସଚିନ ଜଣେ ଗଦ୍ଦାର ବା ବିଶ୍ୱାସଘାତକ । ତେଣୁ ସେ କେବେବି ମୁଖ୍ୟମନ୍ତ୍ରୀ ହୋଇପାରିବେନି । ଦଳ ସହ ସଚିନ ବିଶ୍ୱାସଘାତକତା କରିଛନ୍ତି ତେଣୁ ତାଙ୍କୁ କେବେ ମୁଖ୍ୟମନ୍ତ୍ରୀ କରାଯାଇପାରିବନି । ଏଥିସହ ଗେହେଲଟ କହିଥିଲେ କି ପାଇଲଟଙ୍କ କିଛି ସମର୍ଥକ ବିଜେପି ହାତର କଣ୍ଢେଇ ସାଜିଛନ୍ତି ଓ ବିଜେପି ମଧ୍ୟ କୋଟି କୋଟି ଟଙ୍କା ଦେଇ ସେମାନଙ୍କୁ କିଣିସାରିଛି । ରାଜସ୍ଥାନରେ ସରକାର ଭାଙ୍ଗିବା ପାଇଁ ବିଜେପି ସହ ପାଇଲଟ ଓ ତାଙ୍କ ଗୋଷ୍ଠୀ ହାତ ମିଳାଇଥିବା ମଧ୍ୟ କହିଁଲେ ଗେହେଲଟ । ଅଶୋକ ଗେହେଲଟ ଅଭିଯୋଗର ପାଲଟା ଜବାବ ରଖିଛନ୍ତି ପାଇଲଟ । ସେ କହିଛନ୍ତି ଏହା ପ୍ରଥମ ଥର ନୁହେଁ ଅନେକ ବାର ଏମିତି ଅଭିଯୋଗ କରିଛନ୍ତି ଗେହଲେଟ । ଯାହା ପଛରେ କୌଣସି ସତ୍ୟତା ନାହିଁ । ବୟାନବାଜୀ ନେଇ କଂଗ୍ରେସର ହାଇକମାଣ୍ଡ ମଧ୍ୟ ତତ୍ପର ହୋଇପଡିଥିବା ସୂଚନା ମିଳିଛି । ମାମଲାକୁ ଶାନ୍ତ କରିବା ପାଇଁ ବରିଷ୍ଠ ନେତା ପ୍ରୟାସ ଆରମ୍ଭ କରିଛନ୍ତି । ଦଳର ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି ଦଳ ପାଇଁ ଉଭୟ ପାଇଲଟ ଓ ଗେହଲଟ ଜରୁରୀ । ଦୁଇଜଣଙ୍କ ମଧ୍ୟରେ ଯଦି କୌଣସି ମତଭେଦ ରହିଛି ତାକୁ ଖୁବ ଶିଘ୍ର ଦୂର କରାଯିବ । ଦଳ ସର୍ବୋପରି ଓ ଏହାର ପ୍ରାଥମିକତା ସମସ୍ତଙ୍କ ଦାୟିତ୍ୱ । ତେବେ ରାଜସ୍ଥାନ ପ୍ରଦେଶ କଂଗ୍ରେସ କଳି ଭିତରେ ବିଜେପିର ମଧ୍ୟ ଏଣ୍ଟ୍ରି ହୋଇଛି । ଦଳ କହିଛି ଗେହେଲଟ ଓ ପାଇଲଟଙ୍କ କଳି ଭିତରେ ବିଜେପିର କୌଣସି ଭୂମିକା ନାହିଁ । ନିଜ ସମସ୍ୟାର ସାମଧାନ କରିବା ବଦଳରେ କଂଗ୍ରେସ ବିଜେପି ଉପରେ ଭିତିହୀନ ଅଭିଯୋଗ ଆଣୁଥିବା ପୁନିଆ କହିଛନ୍ତି । ତେବେ ଘଟଣାରେ ନୂଆ ମୋଡ ନେଇଛି ପାଇଲଟ ଗୋଷ୍ଠୀର ନେତା ରାଜେନ୍ଦ୍ର ଗୁଢାଙ୍କ ବୟାନ । କଂଗ୍ରେସର ୮୦ପ୍ରତିଶତ ବିଧାୟକ ପାଇଲଟଙ୍କ ସମର୍ଥନରେ ଅଛନ୍ତି । ଏଥିସହ ସେ କହିଛନ୍ତି କି କଂଗ୍ରେସ ବିଧାୟକଙ୍କ ମତାମତ ନିଆଯାଉ। ୮୦ପ୍ରତିଶତ ବିଧାୟକ ପାଇଲଟଙ୍କ ସପକ୍ଷରେ ସମର୍ଥନ ନିଶ୍ଚୟ ଦେବେ । ୨୦୧୮ ବିଧାନସଭା ନିର୍ବାଚନ ପରଠୁ ଅଶୋକ ଗେହେଲଟ ଓ ସଚିନ ପାଇଲଟଙ୍କ ମଧ୍ୟରେ ତିକ୍ତତା ଦେଖାଦେଇଛି । ଗେହେଲଟଙ୍କ କହିବା କଥା ପାଇଲଟଙ୍କ ନିକଟରେ ଅଧିକ ବିଧାୟକଙ୍କ ସମର୍ଥନ ନାହିଁ । କିନ୍ତୁ ପାଇଲଟ ସମର୍ଥକଙ୍କ କହିବା କଥା ଅଧିକାହଂଶ ବିଧାୟକ ରାଜ୍ୟରେ ନେତୃତ୍ୱ ପରିବର୍ତନ ଚାହାନ୍ତି ।

## ଚାଷୀଙ୍କ ପ୍ରସଙ୍ଗରେ ବିଧାନସଭାରେ ହଙ୍ଗାମା, ଚାଲି ପାରିଲା ନାହିଁ ପ୍ରଥମାର୍ଦ୍ଧ ବୈଠକ



ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଚାଷୀ ପ୍ରସଙ୍ଗରେ ଆଜି ସରକାରୀ ଦଳ ଓ ବିରୋଧୀ ବିଜେପି ଓ କଂଗ୍ରେସ ଦଳର ବିଧାୟକ ମାନେ ହଙ୍ଗାମା କରିବାକୁ ବିଧାନସଭାରେ ଆଜି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସହିତ ଅନ୍ୟାନ୍ୟ କୌଣସି କାର୍ଯ୍ୟକ୍ରମ ହୋଇ ପାରି ନାହିଁ । ବିଧାୟକ ମାନେ ଗୃହର ମଧ୍ୟଭାଗକୁ ଆସି ହଙ୍ଗାମା କରିବା କାରଣରୁ ଅଚଳାବସ୍ଥାକୁ ଏଡାଇବାକୁ ଯାଇ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ଦୁଇଥର ମୁଲତବୀ ରଖିଥିଲେ । ପ୍ରଥମେ ୧୧.୩୦ ଯାଏ ଓ ପରେ ୧୧.୩୦କୁ ୪ ଟା ଯାଏ ଗୃହ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଶୁକ୍ରବାର ଦିନ ନିର୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସକାଳ ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ର ବାଚସ୍ପତି ବିକ୍ରମ କେଶରୀ ଆରୁଖ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ହେଲେ ଉଭୟ ସରକାରୀ ଦଳ ଓ ବିରୋଧୀ ଦଳର ବିଧାୟକ ମାନେ ହଠାତ ଗୃହର ମଧ୍ୟଭାଗକୁ ଆସି ହଙ୍ଗାମା କରିଥିବା ଦେଖିବାକୁ ମିଳିଥିଲା । ସରକାରୀ ଦଳର ବିଧାୟକ ବ୍ୟୋମକେଶ ରାୟ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟ ବିଧାୟକ ମାନେ ବାଚସ୍ପତିଙ୍କ ପୋଡିୟମ ତଳକୁ ଆସି ଚାଷୀ ମାନଙ୍କ ପାଇଁ ଏମଏସପି ବଢାଇବାକୁ ଦାବି କରିବା ସହ ନାରାବାଜୀ କରିଥିବା ଦେଖିବାକୁ ମିଳିଥିଲା । ସେହିପରି ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀ, ମୁକେଶ ମହାଲିଙ୍ଗ,କୁସୁମ ଟେଟେ ଓ ଅନ୍ୟ ବିଜେପି ବିଧାୟକ ମାନେ ରାଜ୍ୟ ସରକାରଙ୍କ ଚାଷୀବିରୋଧୀ ନୀତି,ଫସଲ ବୀମା ଆଦି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜୀ କରିଥିଲେ । ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି, ସୁରେଶ ରାଉତରାୟ, ଅଧିରାଜ ପାଣିଗ୍ରାହୀ ଓ ଅନ୍ୟ ବିଧାୟକ ମାନେ ମଧ୍ୟ ଗୃହର ମଧ୍ୟ ଭାଗକୁ ଆସି ରାଜ୍ୟ ସରକାରଙ୍କ ଚାଷୀ ବିରୋଧୀ ନୀତି ବିରୁଦ୍ଧରେ ନାରାବାଜୀ କରିଥିବା ଦେଖିବାକୁ ମିଳିଥିଲା । ଅନ୍ୟ ପକ୍ଷରେ ବାଚସ୍ପତି ସେମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିବା ଦେଖିବାକୁ ମିଳିଥିଲା । ତେବେ ସ୍ଥିତିରେ ସୁଧାର ନ ଆସିବାରୁ ଅଚଳାବସ୍ଥାକୁ ଏଡାଇବାକୁ ଯାଇ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ସେହିପରି ୧୧.୩୦ରେ ପୁଣି ଥରେ ଯେତେବେଳେ ଗୃହ କାର୍ଯ୍ୟ ଆରମ୍ଭ ହେଲା ସେତେବେଳେ ଚାଷୀ ସମସ୍ୟାକୁ ନେଇ ସେହି ସମାନ ସ୍ଥିତି ଦେଖା ଦେଇଥିଲା । ଏହି କାରଣରୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ଅପରାହ୍ନ ୪ ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ଫାଙ୍କା ପଡ଼ିଛି ବିଧାନସଭା: ପଦ୍ମପୁର ନିର୍ବାଚନ ପାଇଁ ଡେରା ପକାଇଛନ୍ତି ୧୩ ମନ୍ତ୍ରୀ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ରାଜନୀତିରେ ନେତାଙ୍କ ବେଳେବେଳେ ଏଭଳି ଯୁକ୍ତି ଆସେ, ଯାହା ଶୁଣିବା ପରେ ସାଧାରଣ ଲୋକ ଦ୍ୱନ୍ଦରେ ପଡ଼ିବା ସ୍ୱାଭାବିକ । ଠିକ୍ ସେମିତି ଏକ ବୟାନ ରଖିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ । ବିଧାନସଭା ଚାଲିଛି, ଶୀତ ଅଧିବେଶନ ପାଇଁ ବିଧାୟକ ଓ ମନ୍ତ୍ରୀଙ୍କ ଖୋଜା ପଡୁଛି । କିନ୍ତୁ ନବ ଦାସ କହୁଛନ୍ତି- ଜଣେ ନିର୍ବାଚିତ ହେଲେ ସିନା ବିଧାନସଭାକୁ ଯିବେ । କେବଳ କ'ଣ ସେତିକି ଆଉ ଗୋଟିଏ ପାଦ ଆଗକୁ ଯାଇ କହିଛନ୍ତି- ପ୍ରଥମେ ନିର୍ବାଚନ ପରେ ବିଧାନସଭା । ଅବଶ୍ୟ ପରେ ବୟାନକୁ ସଂଶୋଧନ କରି କହୁଛନ୍ତି ଉନ୍ନତି ପ୍ରଥମ । ବିଧାୟକ ଓ ମନ୍ତ୍ରୀଙ୍କ ପ୍ରାଥମିକତା କ'ଣ ବିଧାନସଭାରୁ ଆସିଥିବା ଏହି ତଥ୍ୟ ହିଁ ପ୍ରମାଣ କରୁଛି । ଶୀତ ଅଧିବେଶନର ଦ୍ୱିତୀୟ ଦିନରେ ମୋଟ ୨୧ ମନ୍ତ୍ରୀଙ୍କ ମଧ୍ୟରୁ ବିଧାନସଭାରେ ଉପସ୍ଥିତ ଥିଲେ ମାତ୍ର ୭ ଜଣ । ୧୩ ଜଣ ମନ୍ତ୍ରୀ ପଦ୍ମପୁରରେ ଡେରା ପକାଇଛନ୍ତି । ଆଉ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ସୁରଟ ଗସ୍ତରେ ଅଛନ୍ତି । ଗୃହରେ ଅନୁପସ୍ଥିତ ବିଧାୟକଙ୍କ ତାଲିକାରେ କେବଳ ବିଜେଡି ଦଳର ବିଧାୟକ ଅଛନ୍ତି ତାହା ନୁହେଁ, ବିଜେପିର ୨୨ ବିଧାୟକଙ୍କ ମଧ୍ୟରୁ ବିଧାନସଭାରେ ଆଜି ଉପସ୍ଥିତ ଥିଲେ ମାତ୍ର ୧୦ ଜଣ । ଏସବୁ ଭିତରେ ରେକର୍ଡ ପରେ ରେକର୍ଡ କରୁଥିବା ବିଜେଡି ସରକାର, ଆଉ ଏକ ଅଲୋଡ଼ା ରେକର୍ଡ ସ୍ଥାପନ କରିଛି । ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସ୍ଥାନରେ ପଂଚାୟତି ରାଜ ମନ୍ତ୍ରୀ ପ୍ରଦୀପ ଅମାତ ଗତକାଲି ଅତିରିକ୍ତ ବଜେଟ ଉପସ୍ଥାପନ କରିଥିଲେ । ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଏକାଧିକ ଥର ପଦ୍ମପୁର ପ୍ରଚାରରେ ଦେଖିବାକୁ ମିଳିଥିବା ବେଳେ ବିଧାନସଭାରେ ଖୋଜା ପଡୁଛି ।

## ବିନା ଅନୁମତିରେ ଅମିତାଭ ବଚ୍ଚନଙ୍କ ନାମ, କଣ୍ଠସ୍ୱର ଓ ଫଟୋ ବ୍ୟବହାର କଲେ ହେବ କାର୍ଯ୍ୟାନୁଷ୍ଠାନ



ନୂଆଦିଲ୍ଲୀ, ୨୫/୧୧ : ଏଣିକି ବିନା ଅମିତାଭ ବଚ୍ଚନଙ୍କ ଅନୁମତିରେ ତାଙ୍କ ନାମ, ସ୍ୱର ଓ ଫଟୋକୁ ବ୍ୟବହାର କରାଯାଇ ପାରିବ ନାହିଁ । ଅମିତାଭ ବଚ୍ଚନଙ୍କ ନାମ, ଫଟୋ ଏବଂ ତାଙ୍କ ସ୍ୱରକୁ ବ୍ୟବହାର କରିବାକୁ ହେଲେ ପ୍ରଥମେ ତାଙ୍କ ଅନୁମତି ନେବାକୁ ପଡିବ । ଅମିତାଭଙ୍କ ବିନା ଅନୁମତିରେ ତାଙ୍କର ନାମ, ସ୍ୱରକୁ ବ୍ୟବହାର କରିବାରେ ରୋକ ଲଗାଇ ଦେଇଛନ୍ତି ଦିଲ୍ଲୀ ହାଇକୋର୍ଟ । ଏନେଇ ପ୍ରଥମେ ଅମିତାଭ ବଚ୍ଚନ କୋର୍ଟରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗର ଶୁଣାଣି କରି କୋର୍ଟ ଆଜି ବିଗ୍ ବିଙ୍କ ସପକ୍ଷରେ ରାୟ ଦେଇଛନ୍ତି । ଏହି ରାୟ ଆସିବା ପରେ ଏବେ ପୂର୍ବରୁ ବିନା ଅନୁମତିରେ ବ୍ୟବହାର ହୋଇଥିବା ଅମିତାଭଙ୍କ ନାମ, କଣ୍ଠସ୍ୱର ଓ ଫଟୋ ସବୁକୁ ଡିଲିଟ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## କାନ ଧରି ଆଣ୍ଠେଇଲେ ମୃତ ସରକାରୀ କର୍ମଚାରୀଙ୍କ ପରିବାର ସଦସ୍ୟ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ନ୍ୟାର୍ଯ୍ୟ ଦାବି ପାଇଁ ଗାନ୍ଧିମାର୍ଗରେ କାନ ଧରି ଆଣ୍ଠେଇଛନ୍ତି ଶହ ଶହ ଯୁବକ ଯୁବତୀ। ୧୯୯୦ ବିଜ୍ଞପ୍ତି ଅନୁଯାୟୀ ନିଯୁକ୍ତି ଦାବିରେ ମୃତ ସରକାରୀ କର୍ମଚାରୀଙ୍କ ପରିବାର ସଦସ୍ୟ ପ୍ରତିବାଦ ଜଣାଇଛନ୍ତି। ଥଇଥାନ ଯୋଜନା ୧୯୯୦ ବିଜ୍ଞପ୍ତି ଅନୁଯାୟୀ ନିଯୁକ୍ତି ଓ ୨୦୨୦ ବିଜ୍ଞପ୍ତିକୁ ତୁରନ୍ତ ବାତିଲ କରିବା ଦାବିରେ ମୃତ କର୍ମଚାରୀଙ୍କ ପରିବାର ଲୋକେ ଶୁକ୍ରବାର ଲୋୟର ପିଏମ୍‌ଜିରେ ଏଭଳି ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି। ୩ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ କର୍ମଚାରୀ ଥଇଥାନ ଆଶାୟୀ ସଂଘ ୪ଦିନ ହେବ ଶୀତ କାକରରେ ଲୋୟର ପିଏମଜିରେ ଧାରଣା ଦେଇଛି। ସରକାର ସେମାନଙ୍କ ଦାବି ପୂରଣ କରୁନଥିବାରୁ ଆନ୍ଦୋଳନକାରୀ ମାନେ ଆଜି ବିଧାନସଭା ଘେରାଉ କରିବାକୁ ଉଦ୍ୟମ କରିଥିଲେ।

## ଶ୍ରଦ୍ଧାଞ୍ଜଳିଙ୍କୁ ୧୪ ଘଣ୍ଟା, ଚନ୍ଦନଙ୍କୁ ୯ ଘଣ୍ଟା ଜେରାକଲା ଇଡି



ଭୁବନେଶ୍ୱର, ୨୫/୧୧ (ନି.ପ୍ର): ହନିଟ୍ରାପ୍ କୁଇନ୍ ଅର୍ଚ୍ଚନା ନାଗ ବ୍ଲାକମେଲ ମାମଲାରେ ଆଜି ତାଙ୍କ ଲିଙ୍କ୍‌ରେ ଥିବା ଶ୍ରଦ୍ଧାଞ୍ଜଳି ବେହେରା ୧୪ ଘଣ୍ଟାର ଜେରା ପରେ ଇଡି ଅଫିସରୁ ବାହାରିଥିଲେ। ସେପଟେ ୯ ଘଣ୍ଟାର ଜେରା ପରେ ଡ୍ରାଇଭର ଚନ୍ଦନ ମଧ୍ୟ ବାହାରିଥିଲେ। ଇଡ଼ି ଅଫିସ୍‌ରୁ ବାହାରିବା ପରେ କୌଣସି ପ୍ରତିକ୍ରିୟା ରଖି ନ ଥିଲେ ଶ୍ରଦ୍ଧାଞ୍ଜଳି। ତେବେ ସମସ୍ତ ପ୍ରଶ୍ନର ଉତ୍ତର ଦେଇଛି କହିଥିଲେ ଅର୍ଚ୍ଚନାଙ୍କ ଡ୍ରାଇଭର ଚନ୍ଦନ। ଇଡିରୁ ସମନ ପାଇବା ପରେ ଶ୍ରଦ୍ଧାଞ୍ଜଳି ଓ ଡ୍ରାଇଭର ଚନ୍ଦନ ହାଜର ହୋଇଥିଲେ। ତେଣୁ ଦେଖିବାର କଥା ଇଡି ସେମାନଙ୍କ ଠାରୁ ହାତେଇଥିବା ତଥ୍ୟ ଆଧାରରେ ଆଗକୁ କ'ଣ ପଦକ୍ଷେପ ନେଉଛି। ସେପଟେ ହନିଟ୍ରାପ୍ କପୁଲ୍ ଅର୍ଚ୍ଚନା ନାଗ ଓ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ▶▶ପୃଷ୍ଠା ୭

## ଡିସେମ୍ବର ପହିଲା ସୁଦ୍ଧା ହିତାଧିକାରୀଙ୍କୁ ଶୀତ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୨୫/୧୧ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତ ପଡିବା ଆରମ୍ଭ ହୋଇଗଲାଣି । କୋରାପୁଟ, କନ୍ଧମାଳ ଆଦି ଆଭ୍ୟନ୍ତରୀଣ ଅଂଚଳରେ ତାପମାତ୍ରରେ ବିଶେଷ ହ୍ରାସ ଘଟିବା ସହିତ ଆଗାମୀ ଦିନରେ ଶୀତର ପ୍ରକୋପ ଆହୁରି ବୃଦ୍ଧି ପାଇବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆଜି ରାଜ୍ୟରେ ଶୀତ ଲହରୀ ଏବଂ ଗରିବ ଲୋକଙ୍କୁ ଶୀତ ସହାୟତା ଯୋଗାଇବା ସଂପର୍କରେ ଏକ ସମୀକ୍ଷା ବୈଠକ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶୀତର ପ୍ରକୋପକୁ ଦୃଷ୍ଟିରେ ରଖି ଗରିବ ଲୋକ ବିଶେଷ କରି ବରିଷ୍ଠ ନାଗରିକ ମାନଙ୍କୁ ସୁରକ୍ଷିତ ରଖିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ଡିସେମ୍ବର ପହିଲା ସୁଦ୍ଧା ସବୁ ହିତାଧିକାରୀଙ୍କୁ କମ୍ବଳ କିଣିବା ପାଇଁ ୩୦୦ ଟଙ୍କା ଲେଖାଏ ଶୀତ ସହାୟତା ଭାବରେ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ମଧୁବାବୁ ପେନ୍ସନ ଯୋଜନା ଓ ଜାତୀୟ ପେନ୍‌ସନ ଯୋଜନା ଅନ୍ତର୍ଗତ ୪୮ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେବେ ଏବଂ ଏଥିପାଇଁ ରାଜ୍ୟ ସରକାର ୧୪୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାସହିତ ଶୀତ ପ୍ରବାହ ସମୟରେ କେହି ଯେପରି ଖୋଲା ସ୍ଥାନରେ ଅସହାୟ ଭାବରେ ନ ରୁହନ୍ତି, ସେଥିପ୍ରତି ବିଶେଷ ଦୃଷ୍ଟି ଦେବା ପାଇଁ ▶▶ପୃଷ୍ଠା ୭

## ପଦ୍ମପୁରରେ ଚାଷୀ ସମାବେଶ ପାଇଁ ବିଜେପିର ବଡ଼ ଯୋଜନା

## ଯୋଗ ଦେବେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର



ଭୁବନେଶ୍ୱର, ୨୫/୧୧ (ନି.ପ୍ର): ପଦ୍ମପୁର ପାଇଁ ବିଜେପିର ବଡ଼ ପ୍ଲାନ । ଚାଷୀ ପ୍ରସଙ୍ଗକୁ ନେଇ ବଡ଼ ରାଜନୀତି ଚାଲିଥିବା ବେଳେ ଚାଷୀଙ୍କ ମନରେ ଉଠୁଥିବା ପ୍ରଶ୍ନର ଉତର ରଖିବା ପାଇଁ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପଦ୍ମପୁରକୁ ଆସି ପ୍ରଚାର କରିବେ । ସେହିପରି ବରଗଡ଼-ନୂଆପଡ଼ା ରେଳପ୍ରକଳ୍ପରେ ରାଜ୍ୟ ସରକାର କେନ୍ଦ୍ରକୁ ଟାର୍ଗେଟ କରୁଥିବା ବେଳେ ରେଳ ପ୍ରସଙ୍ଗ ଉପରେ କେନ୍ଦ୍ରର ଆଭିମୁଖ୍ୟ ସ୍ପଷ୍ଟ କରିବା ପାଇଁ ପଦ୍ମପୁର ଆସୁଛନ୍ତି ଅଶ୍ୱିନୀ ବୈଷ୍ଣବ । ଏହି ଦୁଇ କେନ୍ଦ୍ରମନ୍ତ୍ରୀ ଆସନ୍ତା ୨୭ ତାରିଖ ପାଇକମାଳ ଓ ପଦ୍ମପୁର ବ୍ଲକରେ ପ୍ରଚାର କରିବେ ବୋଲି ସୂଚନା ଦେଇଛନ୍ତି ଗୋଲକ ମହାପାତ୍ର । ସେହିପରି ୨୬ ତାରିଖରେ ଝାରବନ୍ଧ ବ୍ଲକରେ ପ୍ରଚାର କରିବେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଓ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର । ତେବେ ବିଜେପିର ଏହି ରଣନୀତି ଉପରେ ପ୍ରତିକ୍ରିୟା ରଖିଛି ବିଜେଡି ।

## ସରକାରୀ କାର୍ଯ୍ୟାଳୟରୁ ହଟାଯିବ ୧୫ ବର୍ଷର ପୁରୁଣା ଗାଡି



ନୂଆଦିଲ୍ଲୀ, ୨୫/୧୧ : ସରକାରୀ କାର୍ଯ୍ୟାଳୟରୁ ହଟାଯିବ ୧୫ବର୍ଷ ପୁରୁଣା ଗାଡି । ଅର୍ଥାତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭାଗରେ ଏଣିକି ୧୫ବର୍ଷରୁ ଅଧିକ ପୁରୁଣା ଗାଡି ଗୁଡିକୁ ହଟାଯିବ । ଏନେଇ କେନ୍ଦ୍ର ସରକାର ଏକ ନିୟମ ପ୍ରସ୍ତୁତ କରୁଛନ୍ତି ଓ ଏହା ପୂର୍ବରୁ ରାଜ୍ୟସରକାର ମାନଙ୍କୁ ଚିଠି ପଠାଯାଇଥିବା କହିଛନ୍ତି କେନ୍ଦ୍ର ସଡକ ଓ ପରିବହନମନ୍ତ୍ରୀ ନୀତିନ ଗଡକରୀ । ଏହା ଦ୍ୱାରା ପ୍ରଦୁଷଣ ନିୟନ୍ତ୍ରଣ ପାଇଁ ଚଳିତ ବର୍ଷ କେନ୍ଦ୍ର ସରକାର ଭେହିକିଲ ସ୍କ୍ରାପେଜ ପଲିସି ଘୋଷଣା କରିଥିଲେ । ଏପ୍ରିଲ ୧ରୁ ଏହି ନୂଆ ନିୟମ ଲାଗୁ ହୋଇଛି । ଏହା ଦ୍ୱାରା ପୁରୁଣା ଗାଡିକୁ ହଟାଇବାକୁ ନିର୍ଦ୍ଦେଶ ରହିଛି । ଏହି ନୂଆ ନିୟମ ସ୍କ୍ରାପେଜ ପଲିସିର ଏକ ଅଂଶ ବୋଲି କୁହାଯାଉଛି । ସ୍କ୍ରାପେଜ ପଲିସି ଅନୁସାରେ ରାସ୍ତାରେ ୧୫ବର୍ଷ ପୁରୁଣା ପେଟ୍ରୋଲ ଗାଡି ଓ ୧୦ବର୍ଷ ପୁରୁଣା ଡିଜେଲ ଗାଡି ଚଳାଚଳ ନିଷେଦ୍ଧ କରାଯାଇଛି ।

## ବାଲିଆ ବାଣ ଦୁର୍ଘଟଣା : ୧୧ ଜଣ ଆଇସିୟୁରେ, ୩ ଗିରଫ

କଟକ/କେନ୍ଦ୍ରାପଡ଼ା, ୨୫/୧୧ (ନି.ପ୍ର): କେନ୍ଦ୍ରାପଡା ବାଲିଆ ବାଣ ଦୁର୍ଘଟଣାରେ କଟକ ଏସ୍ ?ସିବି ଆଇସିୟୁରେ ଭର୍ତ୍ତି ଗୁରୁତର ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଏନେଇ ଆଜି ଏସ୍ ?ସିବି ଜରୁରୀ କାଳୀନ ଅଧିକାରୀ ସୂଚନା ଦେଇଛନ୍ତି । ଏସ୍‌ସିବିରେ ମୋଟ ୩୪ ଜଣ ଚିକିତ୍ସିତ ହେଉଥିବା ବେଳେ ସେଥିମଧ୍ୟରୁ ୧୧ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି । ୫ ଜଣ ବର୍ଣ୍ଣ ୟୁନିଟ୍ ଆଇସିୟୁରେ ଥିବା ବେଳେ ୩ ଜଣ ଲେଖାଏଁ ସେଣ୍ଟ୍ରାଲ ୟୁନିଟ୍ ଆଇସିୟୁ ଓ ଜେନେରାଲ ୟୁନିଟ୍ ଆଇସିସିୟୁରେ ଅଛନ୍ତି । ସ୍ୱତନ୍ତ୍ର ଡାକ୍ତରୀ ଦଳ ସେମାନଙ୍କ ଚିକିତ୍ସା କରୁଛନ୍ତି । ସେପଟେ ଏହି ଘଟଣାରେ ୩ ଜଣକୁ ଗିରଫ କରିଛି କେନ୍ଦ୍ରାପଡ଼ା ସଦର ଥାନା ପୁଲିସ । ସେମାନେ ହେଲେ ସ୍ଥାନୀୟ ବାଲିଆ ଅଞ୍ଚଳର ବୁଲୁ ମଳିକ୍, ଅରକ୍ଷୀତ ମଳିକ ଓ ଟିଲୁ ଦାସ ।

# ପୋଖରୀରୁ ମାଛ ଚୋରି କରି ପାଣିରେ ଦାଦା ପୁତୁରା ବୁଡି ମରିବା ଘଟଣା, ନୂଆ ମୋଡ ନେଲା

ଧର୍ମଶାଳା, ୨୫/୧୧ (ନି.ପ୍ର): ରାତି ଅଧରେ ପୋଖରୀରେ ମାଛ ଚୋରି କରିବା ସମୟରେ ପାଣିରେ ବୁଡି ଦାଦା ପୁତୁରା ମୃତ ଘଟଣା ଏବେ ନୂଆ ମୋଡ ନେଇଛି। ଏହି ଘଟଣା ଏକ ଯୋଜନାବଦ୍ଧ ହତ୍ୟା ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି । ମୃତକଙ୍କ ପରିବାରର ସଭ୍ୟ ସନାତନ ମଲିକ ଯାଜପୁର ସଦର ଥାନାରେ ଭାଇ ଓ ପୁଅକୁ ଘରୁ କାମ କରିବାକୁ ଡାକି ନେଇ ପିଟି ପିଟି ପୋଖରୀରେ ବୁଡେଇ ମାରି ଦେଇଥିବା ଅଭିଯୋଗ କରିଛନ୍ତି । ତେବେ ଏହି ଘଟଣାକୁ ସଦର ପୋଲିସ ଗୁରୁତର ସହ ନେଇ ଘଟଣାର ତଦନ୍ତ ଆରମ୍ଭ କରିଛି । ଏବଂ ଏହି ଘଟଣାରେ ପୋଲିସ ଆଜି ସାଇଁଟିଫିକ ଦଳର ସହାୟତା ନେଇନ୍ତି । ଅପରାହ୍ନରେ ଯାଜପୁରର ଏକ ସାଇଁଟିଫିକ୍ ଦଳ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପଂହଚି ଶବ ଦୁଇଟିକୁ ଯାଂଚ କରିଛନ୍ତି । ପରେ ଅଳପୁର ପୋଖରୀରେ ପଂହଚି ପାଣି ନମୂନା ସଂଗ୍ରହ କରିବା ସହ ଏହାର ଚତୃପାର୍ଶ୍ୱକୁ ତଦନ୍ତ କରି ଫେରିଛନ୍ତି । ଅନ୍ୟପକ୍ଷେ ଏହି ଘଟଣାର ସହଯୋଗୀ ପ୍ରଶାନ୍ତ ଥାନାରେ ଅଟକ ରହିଛି । ପୁଲିସ ୩୨୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଶବ ବ୍ୟବଛେଦ ରିପୋର୍ଟ ଆସିଲେ ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି ସଦର ଥାନା ଅଧିକାରୀ ମାନସ ରଂଜନ ଚକ୍ର ପ୍ରକାଶ କରିଛନ୍ତି ।

ସୂଚନା ଥାଉକି, ଯାଜପୁର ସଦର ଥାନା ରସୁଲପୁର ବ୍ଲକ ଅନ୍ତର୍ଗତ ଅର୍ଥଙ୍ଗା ପଂଚାୟତ ଅଳପୁଆ ଗାଁ ପୋଖରୀରେ ବୁଧବାର ଅପରାହ୍ନରେ ଅଗ୍ନିଶମ ବିଭାଗ ପାଣିରୁ ଉଦ୍ଧାର କରିଥିଲା ଦୁଇ ଶବ। ଏହା ଯାଜପୁର ସଦର ଥାନା ଅନ୍ତର୍ଗତ ସାମନ୍ତରାପୁର ପଂଚାୟତ ରସୁଣା ଗ୍ରାମର ବାବାଜି ମଲିକଙ୍କ ପୁଅ ଅନାମ(୫୫) ଓ ସନାତନ ମଲିକଙ୍କ ପୁଅ ସୁକଦେବ(୩୨)ଙ୍କର ମୃତଦେହ ବୋଲି ଚିହ୍ନଟ ହୋଇଥିଲା । ସୋମବାର ସନ୍ଧ୍ୟା ୭ଟା ସମୟରେ ୩ ଜଣ ପୋଖରୀରୁ ମାଛ ଚୋରି କରିବାକୁ ଯୋଜନା ପାଂଚି ଥିଲେ । ହେଲେ ଏହି ମାଛ ଧରିବାରେ ସଫଳ ହୋଇପାରି ନ ଥିଲେ । ଅର୍ଥଙ୍ଗା ପଂଚାୟତ ଅଳପୁଆ ଗ୍ରାମର ବାବୁଲି ମଲିକଙ୍କ ପୁଅ ପ୍ରଶାନ୍ତ (୨୬) ନିଜ ଗାଁ ପୋଖରୀରୁ ମାଛ ଧରିବା ପାଇଁ ଯୋଜନା କରି ସାମନ୍ତରାପୁର ପଂଚାୟତ ରସୁଣା ଗ୍ରାମର ଅନାମ ଓ ବାବାଜିଙ୍କ ସହଯୋଗ ଲୋଡିଥିଲେ । ପୋଖରୀରୁ ମାଛ ଧରିବା ପାଇଁ ସାଇକେଲ ଯୋଗେ ତିନି ଜଣ ସୋମବାର ରାତିରେ ଯୋଜନାବଦ୍ଧଭାବେ ପୋଖରୀ କୂଳରେ ପଂହଚି ଥିଲେ । ଅନାମ ଓ ଶୁକଦେବ ଦୁହେଁ ସାଇକେଲ ଯୋଗେ ଜାଲ ଧରି ପୋଖରୀ କୂଳରେ ପଂହଚି ପୋଖରୀରେ ଜାଲ ବିଛାଇ ଥିଲେ । ବିଳମ୍ବିତ ରାତିରେ ପୋଖରୀ ନିକଟରେ ଥିବା ଗାଁ ଲୋକେ ପୋଖରୀରେ କେହି ମାଛ ଧରୁଥିବା ଜାଣିବାକୁ ପାଇଥିଲେ । ପାଟିତୁଣ୍ଡ ହେବା ଫଳରେ ଘଟଣାସ୍ଥଳରୁ ପ୍ରଶାନ୍ତ ଫେରାର ହୋଇ ଯାଇଥିଲା । ପରେ ଅନାମ ଓ ଶୁକଦେବ ଭୟରେ ଗଭୀର ପାଣି ଭିତରରେ ଛପି ରହି ଯାଇଥିଲେ । ଘରକୁ ନଫେରିବା ଯୋଗୁ ଘର ଲୋକେ ଖୋଜାଖୋଜି କରିଥିଲେ । ଏନେଇ ବୁଧବାର ଅପରାହ୍ନରେ ପରିବାର ଲୋକେ ଯାଜପୁର ସଦର ଥାନାରେ ନିଖୋଜ ହୋଇଯିବା ନେଇ ଏତଲା ଦେଇଥିଲେ । ପରେ ପ୍ରଶାନ୍ତ ସାଇକେଲ ଧରି ରସୁଣା ଗ୍ରାମକୁ ଯାଇଥିଲେ । ସେମାନେ ଘରକୁ ଆସିଛନ୍ତି କି ନାହିଁ ଘର ଲୋକଙ୍କଠାରୁ ପଚାରି ବୁଝିଥିଲେ । ଫଳରେ ଉଭୟ ପରିବାରଙ୍କର ପ୍ରଶାନ୍ତ ଉପରକୁ ସନ୍ଦେହ କରିଥିଲେ। ପରେ ସେମାନେ ପ୍ରଶାନ୍ତଙ୍କ ନାମ ଥାନାରେ ଜଣାଇଥିଲେ । ପରେ ସେହି ବୁଧବାର ପୂର୍ବାହ୍ନରେ ପୋଖରୀରେ ଦୁଇଟି ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖି ସଦର ଥାନାକୁ ଖବର ଦେଇଥିଲେ। ପୁଲିସ ବରୀ ଅଗ୍ନୀଶମ ବିଭାଗର ସହାୟତା ନେଇ ପାଣିରୁ ଦୁଇଟି ମୃତଦେହ ଉଦ୍ଧାର କରିଥିଲା । ଶବ ବ୍ୟବଚ୍ଛେଦ ନିମନ୍ତେ ମୃତଦେହ ଦୁଇଟିକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲା । ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତରିତ କରାଯିବ ବୋଲି ସଦର ପୋଲିସ କହିଛି ।

# ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ଆନ୍ଦୋଳନ ପାଇଁ ଗଞ୍ଜାମ ଜିଲ୍ଲାରେ ୨୩୨୮ଟି ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ: ଜବାବ ଦାଖଲ କରିବାକୁ ନୋଟିସ୍

ଗଞ୍ଜାମ, ୨୫/୧୧ (ନି.ପ୍ର): ମାସିକ ସର୍ବନିମ୍ନ ୧୫ ହଜାର ଟଙ୍କା ଦରମା ଓ ଚାକିରୀ କାଳ ହିସାବ କରି ବରିଷ୍ଠତା ଭିତିରେ ପଦୋନ୍ନତି ପ୍ରଦାନ ସମେତ ବିଭିନ୍ନ ଦଫା ଦାବି ନେଇ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ମାନେ ଭୁବନେଶ୍ୱରରେ ଆନ୍ଦୋଳନ ଜାରୀ ରଖିଛନ୍ତି । ଫଳରେ ଗଞ୍ଜାମ ଜିଲ୍ଲାରେ ୨୩୨୮ଟି ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ହୋଇଯାଇଥିବାରୁ ଶିଶୁ ଓ ଗର୍ଭବତୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ସମ୍ପୃକ୍ତ କେନ୍ଦ୍ରର ଅଙ୍ଗନବାଡ଼ି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଅଂଟା ଭିଡ଼ିଛି। କାହାର ନିର୍ଦ୍ଦେଶରେ ଏସବୁ ଅଙ୍ଗନବାଡ଼ି କେନ୍ଦ୍ରକୁ ବନ୍ଦ ରଖାଯାଇଛି, ଏ ସଂକ୍ରାନ୍ତରେ ଜବାବ ଦାଖଲ କରିବାକୁ ସମ୍ପୃକ୍ତ ବ୍ଲକ ସିଡ଼ିପିଓଙ୍କ ମାଧମରେ ଅଙ୍ଗନବାଡ଼ି କର୍ମୀଙ୍କୁ ନୋଟିସ୍ ଜାରୀ କରାଯାଇଛି ବୋଲି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶୁଭଶ୍ରୀ ପାତ୍ର ସୂଚନା ଦେଇଛନ୍ତି । କର୍ମୀ ଓ ସହାୟିକା ମାନେ ଆନ୍ଦୋଳନ ଜାରୀ ରଖିଛନ୍ତି ସତ, କିନ୍ତୁ କେନ୍ଦ୍ର ଯେଭଳି ସୁରୁଖୁରୁରେ ପରିଚାଳିତ ହୋଇପାରିବ, ସେଥିପ୍ରତି ସେମାନେ ଉତରଦାୟୀ । ଗତ ୨୧ ତାରିଖରୁ କେନ୍ଦ୍ର ବନ୍ଦ ରହିଥିବାରୁ ପିଲାଙ୍କ ବିଭିନ୍ନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି । ତେବେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଅଙ୍ଗନବାଡ଼ି କର୍ମୀଙ୍କୁ ଦିନକୁ ୧୬ ଘଂଟା ଖଟାଇ ସର୍ବନିମ୍ନ ମଜୁରୀ ନଦେଇ ମାତ୍ର ମାସିକ ୭୫୦୦ ଟଙ୍କା ଦେଉଥିବାରୁ ଜନସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଅଙ୍ଗନବାଡ଼ିଙ୍କ ଆନ୍ଦୋଳନକୁ ଦବେଇ ଦେବା ଉଦ୍ୟମ ନକରି ସେମାନଙ୍କ ଦାବି ପ୍ରତି ସହାନୁଭୂତି ଜଣାଇବାକୁ ଗଞ୍ଜାମ ଜିଲ୍ଲାରେ ଜନମତ ପ୍ରକାଶ ପାଉଛି ।

## ମନେପଡିଲେ ଆରଏମସି କରୁଛି ପଲିଥିନ ଯାଂଚ୍

ରାଉରକେଲା, ୨୫/୧୧ (ନି.ପ୍ର): ରାଉରକେଲା ସହରରେ ବିଗତ ଦିନ ଗୁଡିକରେ କିଛି ଏଡିଏମ ପଲିଥିନ ବ୍ୟବହାରକୁ ରୋକିବା ଲାଗି କିଛି ପ୍ରଶାସକ ଯୋରଦାର ଉଦ୍ୟମ କରିଥିଲେ, ବାରମ୍ବାର ଯାଂଚ ଦ୍ୱାରା ଓ ଜରିମାନା କରିବା ଦ୍ୱାରା ଦୋକାନୀ ମାନେ ସଚେତନ ହୋଇ ପ୍ରାୟ ୮୦ ଭାଗ ଏହାର ବ୍ୟବହାର ବନ୍ଦ ହୋଇଯାଇଥିଲା । ହେଲେ ମୂଳଯାଗାକୁ ଆରଏମସି ଓ ପ୍ରଶାସକ ମାନେ ଦୃଷ୍ଟି ନଦେବାରୁ ବିଗତ ୧ ବର୍ଷ ଧରି ପୁଣି ପଲିଥିନ ବଜାରରେ ହାଉଯାଉ ହେଉଛି । ଲୋକେ କେତେ ପରିମାଣରେ ଏହାକୁ ବ୍ୟବହାର କରୁଛନ୍ତି ତାହାର ପ୍ରମାଣ ଆରଏମସି ଅଳିଆ ବୁହା ଗାଡିରୁ ମିଳିଜିବ । ତେବେ ଏହି ପଲିଥିନ ବ୍ୟବହାର ପ୍ରାୟ ପରିବା ଦୋକାନ, ହାଟ, ଫଳ ଦୋକାନ, ରେସନ ଦୋକାନ, କ୍ଷୀର ଦୋକାନ, ମାଛ ମାଂସ ଦୋକାନ, ଫାଷ୍ଟଫୁଡ ଦୋକାନ ଆଦିରେ ହୋଇଥାଏ । ତେବେ ଏହାର ଯାଂଚ ଦିର୍ଘଦିନ ଧରିବନ୍ଦ କରିଦେବା ଦ୍ୱାରା ଏବେ ପଲିଥିନ ବ୍ୟବହାର ଶୀର୍ଷ ସ୍ଥାନରେ ପହଁଚିଛି । ତେବେ ଆରଏମସି ଯାଂଚକାରୀ ଦଳ କେବଳ କିଛି ବଜାର ପାନ ଦୋକାନ ବୁଲି ତାଙ୍କ ଫଟୋ ଉଠାଇ ଦେଇ କିଛି ଯାଗାରେ ଫାଇନ କରିଦେଇ ନିଜ କାମ ସାରିଦେଉଥିବା ବେଳେ ଏହାର ଉତ୍ପାଦନ ସ୍ଥାନ ଓ ହୋଲସେଲ ଗୁଡିକ ଉପରେ ନଜର ଦିଆଯାଉ ନଥିବାରୁ ପଲିଥିନ ବ୍ୟବହାର ବଢିଚାଲିଛି ଓ ବନ୍ଦ ହେବାର ନାଁ ନେଉନାହିଁ । ଏଭଳି ଦିନେ ଅଧେ ଯାଂଚ କରିବା ଓ କାରଖାନା ତଥା ହୋଲସେଲକୁ ବନ୍ଦ ନକରିବା ପଲିଥିନ ବିରୋଧୀ ଅଭିଯାନ କେବଳ ନାମକୁ ମାତ୍ର ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଜିଲ୍ଲା ଦାବିକୁ ସାଧାରଣରେ ଭରପୁର ସମର୍ଥନ: ସମର୍ଥନ ଜଣାଇଲେ ସଇଁତଳା ଓ ସିନ୍ଧେକେଲା

ବଲାଙ୍ଗୀର , ୨୫/୧୧ (ନି.ପ୍ର): ଟିଟିଲାଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲା ଦାବୀ ଆନ୍ଦୋଳନ କୁ ଦଳମତ ନିର୍ବିଶେଷରେ ଭରପୁର ସମର୍ଥନ ମିଳୁଥିବା ବେଳେ ଆଜି କମିଟି ପକ୍ଷରୁ ଦିଆଯାଇଥିବା ଟିଟିଲାଗଡ ବନ୍ଦ ଡାକରା କୁ ସାଧାରଣରେ ପୂର୍ଣ୍ଣ ସମର୍ଥନ ମିଳିଛି ।ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ର ଆହ୍ୱାନ ରେ ୧୨ ଘଂଟିଆ ବନ୍ଦ ପାଳନ ଟିଟିଲାଗଡ ତଥା ସିନ୍ଧେକେଲା , ସଇନ୍ତଲା ଠାରେ ମଧ୍ୟ ସଫଳ ରୂପେ ପାଳିତ ହୋଇଛି। ସକାଳ ୬ ଟା ରୁ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ମାନେ ଏକ ବାଇକ ରେଲି ରେ ବାହାରି ଦୋକାନ ବଜାର ବନ୍ଦ କରିବାସହ ଯାନବାହାନ ଚଳାଚଳ ବନ୍ଦ କରିଥିଲେ। ସ୍ଥାନୀୟ ଅଂଚଳ ର ବ୍ୟବସାୟୀ ମାନେ ମଧ ଉକ୍ତ ଦାବୀ କୁ ସମର୍ଥନ ତଥା ସମ୍ମାନ ଜଣାଇ ନିଜ ନିଜ ଦୋକାନ ବଜାର ବନ୍ଦ କରିଥିଲେ ।ପ୍ରକାଶ ଯୋଗ୍ୟ ଯେ ଦୀର୍ଘ ୩୦ ବର୍ଷ ରୁ ଉର୍ଦ୍ଧ ଧରି ଏହି ଦାବୀ ଉପସ୍ଥାପନା ହୋଇ ଆସୁଥିବାବେଳେ ବିଗତ ଦିନରେ ୩୧ ତମ ଜିଲ୍ଲା ଭାବରେ ଟିଟିଲାଗଡ ଉପଖଣ୍ଡ କୁ ମାନ୍ୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ପ୍ରଦାନ କରିଥଲେ ମଧ ତାହା ଏ ପର୍ଯ୍ୟନ୍ତ ପୁରା ହୋଇପାରି ନାହିଁ ।ଟିଟିଲାଗଡ ଉପଖଣ୍ଡ ଜିଲ୍ଲା ଯୋଗ୍ୟତା ର ସମସ୍ତ ମାପଦଣ୍ଡ ପୂରଣ କରୁଥିଲେସୁଦ୍ଧା କେବଳ ପ୍ରତିଶ୍ରୁତି ଓ ପ୍ରତାରଣା ପାଇ ଅବହେଳିତ ହୋଇ ରହିଛି। କିଛି ଦିନ ପୂର୍ବରୁ ପଦ୍ମପୁର ଉପଖଣ୍ଡ ବାସି ଙ୍କ ଜିଲ୍ଲା ଦାବୀ କୁ ମୁଖ୍ୟମନ୍ତ୍ରୀ ସବୁଜ ସଂକେତ ଦେଇଥିବା ବେଳେ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା। ଜିଲ୍ଲା ମାନ୍ୟତା ପାଇଁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅପେକ୍ଷାରତ ଥିବା ଟିଟିଲାଗଡ ଉପଖଣ୍ଡ ଅଂଚଳ ରେ ଜିଲ୍ଲା ଦାବୀ ପୁଣି ତୀବ୍ରତର ହୋଇଛି। ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଗାମୀ ରଣନୀତି ର ରୂପରେଖ ପ୍ରସ୍ତୁତ କରିଥିବା ବେଳେ ଆଗାମୀ ଦିନରେ ଆନ୍ଦୋଳନ କୁ ଆହୁରି ଶାଣିତ କରିବାକୁ ନିଷ୍ପତି ନିଆଯାଇଛି ।ଏହି ବନ୍ଦ ପାଳନ କୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ବଜାୟ ରଖିବାକୁ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଶାନ୍ତି ଶୃଙ୍ଖଳା ସହ ବନ୍ଦ ପାଳନ ସଫଳ ହୋଇଛି। ଏହି ବନ୍ଧ ପାଳନରେ ଟିଟିଲାଗଡ ସେନା, ଗରିବ ସେନା ର ସହ ସହ ଯୁବକ ବାଇକ ରେଲୀ କରିଥିଲା

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୫ ଜଣିଆ ନାକ୍ ଟିମ୍

ଗଞ୍ଜାମ, ୨୫/୧୧ (ନି.ପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଶୈକ୍ଷିକ, ବୌଦ୍ଧିକ ଓ ପରିବେଶର ମାନଦଣ୍ଡ ନିର୍ଦ୍ଧାରଣ ପାଇଁ ୟୁ.ଜି.ସି.ର ୫ ଜଣିଆ ନାକ୍ ଟିମ୍ ଗତକାଲି ପରିଦର୍ଶନରେ ଆସିଛନ୍ତି । ଏହି ଟିମ୍ ୩ ଦିନ ଧରି ବିଭିନ୍ନ ବିଭାଗ, ଛାତ୍ରଛାତ୍ରୀ, ଶିକ୍ଷକ, ଅଣଶିକ୍ଷକ, ସମସ୍ତ ହଷ୍ଟେଲ, ଗ୍ରନ୍ଥାଗାର, କ୍ୟାମ୍ପସ୍ ଓ କାର୍ଯ୍ୟାଳୟ ବୁଲି ଦେଖିବା ସହ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଗତକାଲି ପ୍ରଥମ ଦିନରେ ଏହି ଟିମ୍ ବିଶ୍ୱବିଦ୍ୟାଳୟର ୨୧ ଟି ବିଭାଗ ବୁଲି ଦେଖିଥିଲେ । ଏହି ଟିମ୍ ଦୁଇ ଭାଗରେ ବିଭକ୍ତ ହୋଇ ବିଜ୍ଞାନ ଓ କଳାସ୍ରୋତର ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ । ଗୋଟିଏ ଟିମ୍ ପ୍ରାଣୀ ବିଜ୍ଞାନ, ରସାୟନ ବିଜ୍ଞାନ, ସାମୁଦ୍ରିକ ବିଜ୍ଞାନ, ବାୟୋଟେକ୍ନୋଲୋଜି, କମ୍ପ୍ୟୁଟର ସାଇନ୍ସ, ଗଣିତ, ଇଲେକ୍ଟ୍ରୋନିକ୍ସ ସାଇନ୍ସ, ପରିବେଶ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ବିଭାଗ ପରିଦର୍ଶନ କରିଥିଲେ । ଅନ୍ୟ ଦଳଟି ଆଇଆର ଆଣ୍ଡ ପିଏମ ବାଣିଜ୍ୟ, ଏମବିଏ, ଅର୍ଥନୀତି, ଗୃହ ବିଜ୍ଞାନ, ଓଡ଼ିଆ, ଇଂରାଜୀ, ଇତିହାସ, ରାଜନୀତି ବିଜ୍ଞାନ, ଲିଙ୍ଗୁଇଷ୍ଟିକ୍ ଓ ଆଇନ ବିଭାଗ ପରିଦର୍ଶନ କରିଥିଲେ । ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବା ସହ ଶୈକ୍ଷିକ ଭିତିଭୂମିର ଅନୁଧ୍ୟାନ କରିଥିଲେ । ମିଜୋରାମ ବିଶ୍ୱବିଦ୍ୟାଳୟର କୁଳପତି ଡଃ. କେ.ଆର.ଏସ. ଶାମ୍ଭାଶିବ ରାଓଙ୍କ ନେତୃତ୍ୱରେ କର୍ଣ୍ଣାଟକ ସ୍ଥିତ ଟୁମପୁର ବିଶ୍ୱବିଦ୍ୟାଳୟର ଡିନ୍ ଡଃ. ନୂର ଆଫଜା, ଅହମ୍ମଦାବାଦ ସ୍ଥିତ ଗୁଜୁରାଟ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋଜ କୁମାର ଶାସ୍ତ୍ରୀ, ଜାମ୍ମୁ-କାଶ୍ମିର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡିନ୍ ଡଃ. ଦେବାନନ୍ଦ ପଣ୍ଡା, କେରଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ. ଜହନ୍ ମୋଲାକାଟୁ ଷ୍ଟିଫେନ୍ ଏହି ଦଳରେ ସାମିଲ୍ ଥିବା ଜଣାପଡିଛି।

ପ୍ରକାଶ ଥାଉକି, ଏହା ପୂର୍ବରୁ ୨୦୧୬ ରେ ନାକ୍ ଟିମ୍ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସି ଏ ଗ୍ରେଡ୍ ମାନ୍ୟତା ପ୍ରଦାନ କରିଥିଲେ । ଏଥର ଏହି ମାନ୍ୟତାରେ ସୁଧାର ଆସିବ ବୋଲି ବିଶ୍ୱବିଦ୍ୟାଳୟ କର୍ତୃପକ୍ଷ ଆଶା ରଖିଛନ୍ତି ।

## ଜିଲ୍ଲାପାଳଙ୍କୁ ସାକ୍ଷାତ କଲା ନାଗରିକ କମିଟି

ବଲାଙ୍ଗିର, ୨୫/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରଣାଙ୍କ ସହ ସହରର ବିଭିନ୍ନ ସମସ୍ୟାକୁ ନେଇ ନାଗରିକ କମିଟିର ସଭାପତି ବେଲାର ସିଂ ଭୋଇ ଓ ସଂପାଦକ ମନୋରଂଜନ ସାହୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିଶେଷ କରି ଲୋୟର ସୁକତେଲ ର ଅଗ୍ରଗତି, ଟ୍ରାଫିକ ସମସ୍ୟା, ପର୍ଯ୍ୟଟନ ବ୍ୟବସ୍ଥା ସହ ସ୍ଥାନୀୟ ଜିଲ୍ଲା ସଂଗ୍ରାହଳୟ କୁ ଛାତ୍ର ଛାତ୍ରୀମାନେ ପରିଦର୍ଶନ କରିବା ସୁବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ । ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ଶ୍ରୀ ରାଣା ସମ୍ମତି ପ୍ରଦାନ କରିଥିଲେ ।

# ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡ଼ି କର୍ମୀଙ୍କ ଧାରଣା

ହରିଚନ୍ଦନପୁର, ୨୫/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାରକର୍ସ ଆସୋସିଏସନ୍ ଓ ଭାରତୀୟ ମଜଦୁର ସଂଘ ନିଷ୍ପତ୍ତି କ୍ରମେ ହରିଚନ୍ଦନପୁର ବ୍ଲକ ଅଙ୍ଗନୱାଡ଼ି କର୍ମୀ ସଂଘ ସଭାପତି ଅରୁନ୍ଧତୀ ନାଏକଙ୍କ ନେତୃତ୍ୱରେ ଅଙ୍ଗନୱାଡ଼ି କର୍ମୀ ୮ ଦଫା ଦାବି ନେଇ ଧାରଣାରେ ବସିଛନ୍ତି । ପୂର୍ବରୁ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ କରିଥିଲେ ହେଲେ ରାଜ୍ୟ ସରକାର କର୍ଣ୍ଣପାତ କରିନଥିଲେ ଫଳରେ ସଂଘର ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ହରିଚନ୍ଦନପୁର ବ୍ଲକର ଅଙ୍ଗନୱାଡି କର୍ମୀମାନେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ଦାବି ଗୁଡ଼ିକ ହେଲା ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ଅଙ୍ଗନୱାଡ଼ି କର୍ମୀଙ୍କୁ ୧୮ ହଜାର ଟଙ୍କା ଦରମା ସହ ସହାୟୀକାମାନଙ୍କୁ ୯ ହଜାର ଟଙ୍କା ପ୍ରଦାନ, ଶିକ୍ଷାଗତ ଯୋଗ୍ୟତା ଆଧାରରେ ବୟସ ସୀମା ନ ରଖି ଅଙ୍ଗନୱାଡି କର୍ମୀଙ୍କୁ ଶିକ୍ଷୟତ୍ରୀ ମାନ୍ୟତା ଓ ଯୋଗ୍ୟତା ଆଧାରରେ ପୋଦୋନ୍ନତି, ମିନି କର୍ମୀମାନଙ୍କୁ ଅଙ୍ଗନୱାଡ଼ି କର୍ମୀ ଭାବେ ଘୋଷଣା କରିବା ,ଗରମ ରନ୍ଧା ଖାଦ୍ୟର ମୂଲ୍ୟ ବୃଦ୍ଧି କରାଯାଉ ପ୍ରଭୃତି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରୁ ଉହରିବେ ନାହିଁ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଦାବିକୁ ନେଇ ବ୍ଲକରେ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକ ବନ୍ଦ ରହିଛି । କାର୍ଯ୍ୟକ୍ରମରେ ସଂଘର ବ୍ଲକ ସେକ୍ରେଟାରୀ ରୁକମଣୀ ସାହୁ, କୋଷାଧକ୍ଷ ରିନା ବେହେରା, ସବିତା ସେଠୀ, ବାସନ୍ତୀ ନାଏକ, କାଂଚନବାଳା ସାହୁ, ସ୍ୱର୍ଣ୍ଣପ୍ରଭା ସାହୁ, ରଞ୍ଜୁବାଳା ନାଏକ, ଅହଲ୍ୟା ମହାନ୍ତଙ୍କ ସମେତ ଚାରି ଶହରୁ ଉର୍ଦ୍ଧ୍ୱ ଅଙ୍ଗନୱାଡ଼ି କର୍ମୀ ଓ ସହାୟୀକା ଯୋଗ ଦେଇଛନ୍ତି ।

## ସେଂଟ୍ରାଲ ରିଜର୍ଭ ପୋଲିସ ଫୋର୍ସ କ୍ୟାମ୍ପରେ ଫିଟ୍ କାଫେ କର୍ମଶାଳା

ବାଲାଙ୍ଗୀର, ୨୫/୧୧ (ନି.ପ୍ର): ପ୍ରତ୍ୟେକ ନାଗରିକଙ୍କ ପାଇଁ ଆମ ଦେଶ ଭାରତ ସବୁଠାରୁ ପ୍ରିୟ ଏବଂ ଏହାର ରକ୍ଷକ ଆମର ସୈନିକ। ନିଜ ଦେଶର ଗର୍ବ ଏବଂ ସୁରକ୍ଷା ପାଇଁ ସୈନିକ ମାନେ ନିଜ ଜୀବନକୁ ଉତ୍ସର୍ଗ କରିଦିଅନ୍ତି। ଯିଏ ଦେଶର ସୀମାରେ ମୁଣ୍ଡ କାଟି ନିଜର ସମସ୍ତ ଇଚ୍ଛା ଏବଂ ସୁଖକୁ ବିପଦରେ ପକାଇଥାଏ ସେ ହେଉଛନ୍ତି ଆମ ଦେଶର ସୈନିକ । ଏସବୁ ମଧ୍ୟରେ ଅନେକ ସୈନିକ ନିଜର ବ୍ୟକ୍ତିଗତ ଜୀବନରେ ଚାପ, ଚିନ୍ତା ଏବଂ ଉଦାସୀନତାରେ ରହୁଛନ୍ତି। ଏସବୁଠାରୁ କିପରି ଦୂରରେ ରହି ସୁଖମୟ ଜୀବନଯାପନ କରିବେ ସେ ସମ୍ବନ୍ଧରେ ଶାନ୍ତିପଡା ସିଆରପିଏଫ ଶିବିରରେ ବଲାଙ୍ଗୀରର ସାମାଜିକ ସଂସ୍ଥା ସହଯୋଗ ଫାଉଣ୍ଡେସନ୍ ଦ୍ୱାରା ଫିଟ୍ କାଫେ ନାମକ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ରାମ ଅବତାର ଅଗ୍ରୱାଲଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପ୍ରଶିକ୍ଷକ ଆର୍ତତ୍ରାଣ ପାଢ଼ୀ ମୁଖ୍ୟ ପ୍ରଶିକ୍ଷକ ଥିଲେ। ମୁଖ୍ୟ ଅତିଥି ସେଂଟ୍ରାଲ ରିଜର୍ଭ ପୋଲିସ ଫୋର୍ସ କମାଣ୍ଡାଂଟ ପଵନ କୁମାର ତିୱାରୀ, ସମ୍ମାନିତ ଅତିଥି ପୀତବାସ ପଣ୍ଡା, ଡକ୍ଟର ରମେଶ ଶର୍ମା ଏବଂ ନେହା ଶର୍ମା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ଫଂଚାନନ୍ ପ୍ରଧାନ, ରାମ ନାରାୟଣ ଦାଶ, ପଵନ ଅଗ୍ରୱାଲ, ରାମବତର ଅଗ୍ରୱାଲ, ଅବନିଶ ଅଗ୍ରୱାଲ, ପରେଶ ଅଗ୍ରୱାଲ, ଅକ୍ଷୟ ଭମର ,ସୁଦୀପ ତ୍ରିପାଠୀ, ତୋଫାନ ପାତ୍ର ଏବଂ ଅନିଲ ମୋଦୀ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବୈଠକ

କୋରେଇ, ୨୫/୧୧ (ନି.ପ୍ର): ପାଣିକୋଇଲି ସ୍ଥିତ ମା ତାରିଣୀ ମନ୍ଦିର ପରିସରରେ ନୂତନ ଅନୁଦାନ (ବ୍ଲକ ଗ୍ରାଂଟ) ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ଗରୁଡ ଚନ୍ଦ୍ର ସାହୁ ଓ ସାଧାରଣ ସମ୍ପାଦକ ଶ୍ରୀଯାକ୍ତ ରଂଜନ କୁମାର ପଣ୍ଡା ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଯାଜପୁର ଜିଲ୍ଲାର ଓ କୋରାଇ ବ୍ଲକର କର୍ମକର୍ତା ନିର୍ବାଚିତ କରିଥିଲେ । ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଶିକ୍ଷାଦାନ ପରେ ଅବସର ସମୟରେ ଶିକ୍ଷକ ଓ କର୍ମଚାରୀ ମାନେ ଏହି ବର୍ଗର ବିଦ୍ୟାଳୟରୁ କିପରି ରିକ୍ତ ହସ୍ତରେ ଯାଉଛନ୍ତି ଓ ପରବର୍ତୀ ସମୟରେ କିପରି ଆର୍ଥିକ ଅନାଟନ ମଧ୍ୟରେ କାଳତିପାତ କରୁଛନ୍ତି ସେ ସର୍ମ୍ପକରେ ରାଜ୍ୟ ସଭାପତି ଓ ସମ୍ପାଦକ ବିଷଦ ଆଲୋଚନା କରିଥିଲେ । ପରେ ସର୍ବ ସମ୍ମତି କ୍ରମେ ପ୍ରଭାତ ରଂଜନ ନନ୍ଦ (ସଭାପତି), ଚକ୍ରଧର ବାରିକ (ସମ୍ପାଦକ), ଅକ୍ଷୟ କୁମାର ସାମଲ (ଉପସଭାପତି), ମନୋରଂଜନ ସ୍ୱାଇଁ (ସହ ସମ୍ପାଦକ) ବାବାଜୀ ଚରଣ ମହାପାତ୍ର (କୋଷାଧ୍ୟକ୍ଷ) ଭାବେ ମନୋନୀତ ହୋଇଥିଲେ । ନୂତନ ଅନୁଦାନ ପ୍ରାପ୍ତ(ବ୍ଲକ ଗ୍ରାଂଟ) ବିଦ୍ୟାଳୟ ସମୂହରୁ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ମାନଙ୍କ ପେନସନ ବ୍ୟବସ୍ଥା ନଥିବାରୁ ଏହି ବ୍ୟବସ୍ଥାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ନିମନ୍ତେ ଡିସେମ୍ବର ୧୨ ତାରିଖ ଭୁବନେଶ୍ୱର ଗାନ୍ଧୀ ମାର୍ଗ ଠାରେ କିପରି ମହାସଂଗ୍ରାମ ହେବ ସେ ନେଇ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ରାୟ, ପ୍ରବଳ କୁମାର ନାୟକ, କ୍ଷୀରୋଦ କୁମାର ସ୍ୱାଇଁ, କେଶବ ଚନ୍ଦ୍ର ଦଳାଇ, ବାସୁଦେବ ମିଶ୍ର, ଭଂଜ କିଶୋର ସାହୁ , ବାସୁଦେବ ଦାସ, ପିତାମ୍ବର ପାଲ, ଗଦାଧର ସେନାପତି, ପ୍ରଭାସ ଚନ୍ଦ୍ର ମହାନ୍ତି, କାଳନ୍ଦୀ ଖୁଂଟିଆ, ଭାଗିରଥି ରାଉତ, ନବ କିଶୋର ଶତପଥି ପ୍ରମୁଖ ଆଦି ଆଲୋଚନାରେ ଅଂଶ ଗ୍ରହଣ କରି ସେମାନଙ୍କ ନ୍ୟାର୍ଯ୍ୟ ଦାବି ଅବିଳମ୍ବେ ପୂରଣ ପାଇଁ ସରକାରଙ୍କୁ ନିବେଦନ କରିଥିଲେ ।

# ଗୁରୁ ଶ୍ରୀ ତେଗ ବାହାଦୂର୍ ଜୀଙ୍କ ସ୍ମୃତିରେ ବଳିଦାନ ଦିବସ ପାଳିତ

ପୁରୀ, ୨୫/୧୧ (ନି.ପ୍ର): ଶିଖ ନବମ ଗୁରୁ ଶ୍ରୀ ତେଗ ବାହାଦୁର ଜୀଙ୍କ ୩୪୭ ତମ ସହିଦୀ ଦିବସକୁ ସମଗ୍ର ରାଷ୍ଟ୍ରରେ ବଳିଦାନ ଦିବସ ଭାବେ ପାଳନ କରାଯାଉଛି। ଏହି କ୍ରମରେ ଭାରତ ରକ୍ଷା ମଞ୍ଚ, , ଗୁରୁଦ୍ୱାରା ଆରତୀ ସାହେବ ପୁରୀ, ଶ୍ରୀ ଗୁରୁ ନାନକ ଦେବଜୀ ରିଲିଜିଅସ ଚାରିଟେବୁଲ ଟ୍ରଷ୍ଟ, ପୁରୀ ର ମିଳିତ ଆନୁକୁଲ୍ୟରେ ଗୁରୁବାର ଦିନ ବଳିଦାନ ଦିବସ ରୂପେ ପାଳନ କରାଯାଇଛି ।ଏହି ଅବସରରେ ପୁରୀର ପବିତ୍ର ମହୋଦଧି କୂଳରେ ଅନ୍ତଃରାଷ୍ଟ୍ରୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ଗୁରୁ ଶ୍ରୀ ତେଗ ବାହାଦୁର ଜୀଙ୍କ ବାଲୁକା ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ । ପୁରୀ ସହରର ବହୁ ବୁଦ୍ଧିଜୀବି, ଛାତ୍ରଛାତ୍ରୀ ବିଭିନ୍ନ ଅନୁଷ୍ଠାନର କର୍ମକର୍ତା ଯୋଗ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ ସହିତ ଦୀପଦାନ କରିଥିଲେ । ତତ୍ପରେ ସମସ୍ତେ ଜ୍ୟୋତି ଯାତ୍ରାରେ ଗୁରୁଦ୍ୱାରା ଆରତୀ ସାହେବ ଠାରେ ପହଞ୍ଚିବା ପରେ ଗୁରୁଦ୍ୱାରା ଠାରେ ଗୁରୁ ଶ୍ରୀ ତେଗ ବହାଦୂରଙ୍କ ବଳିଦାନ ଓ ଜୀବନି ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଗ୍ରନ୍ଥି ମାତା ଅବତାର କୌର ଜୀ ବର୍ତ୍ତମାନ ପରିସ୍ଥିତିରେ ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ଭାରତ ବର୍ଷର ପ୍ରତ୍ୟେକ ଯୁବକ ଗୁରୁ ତେଗ ବାହାଦୁର ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେଲେ ଭାରତର ଆଗାମୀ ଭବିଷ୍ୟତ ସୁରକ୍ଷିତ ରହିବ ବୋଲି କହିଥିଲେ । ଏହି ଅବସରରେ ଭାରତ ରକ୍ଷା ମଞ୍ଚ ତରଫରୁ ବାଲୁକା ଶିଳ୍ପୀ ମାନସ ସାହୁ ଓ ମାତା ଅବତାର କୌରଙ୍କୁ ଭାରତ ରକ୍ଷା ମଞ୍ଚ ତରଫରୁ ସମ୍ମାନିତ କରା ଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଭାରତ ରକ୍ଷା ମଞ୍ଚ ପୁରୀଜିଲ୍ଲା ସଭାପତି ନାରାୟଣ ଦାଶ, କାର୍ଯ୍ୟକ୍ରମ ସଂଯୋଜକ ସିଦ୍ଧାର୍ଥ ରାୟ, ମହାମନ୍ତ୍ରୀ ସୌରଭ ଚାନ୍ଦ, ମନୋଜ ଅଗ୍ରୱାଲ, ବିଚିତ୍ରାନନ୍ଦ ସାହୁ, ନଳିନୀପ୍ରଭା ସାହୁ ପ୍ରମୁଖ ପରିଚାଳନା କରି ଥିଲେ ।

# ସ୍ୱାତୀ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଡସ୍ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ, ୨୫/୧୧ (ନି.ପ୍ର): ଚଳିତ ବର୍ଷ ଫୁଲବାଣୀରେ ବିଶ୍ୱ ଏଡସ୍ ଦିବସ ପାଳନ ଅବ୍ୟବ୍ୟହିତ ପୂର୍ବରୁ ଏଡସ୍ ନିୟନ୍ତ୍ରଣ ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି ଭୁବନେଶ୍ୱର ଙ୍କ ମିଳିତ ଉଦ୍ୟମରେ ଛାତ୍ର ଛାତ୍ରୀ ମାନଙ୍କ ମଧରେ ସଚେତନତା ସୃଷ୍ଟି ନିମେନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଜିଲ୍ଲା ମଧରେ ରାଇକିଆ, ଜି.ଉଦୟଗିରି, ଖଜୁରିପଡା, ଫୁଲବାଣୀ, ଟିକାବାଲି, ଫିରିଙ୍ଗିଆ ଓ କେ.ନୂଆଗାଁ ଠାରେ ଆୟୋଜନ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ପରିପ୍ରେକ୍ଷୀରେ ସାରଙ୍ଗଡ ମହାବିଦ୍ୟାଳୟ ଠାରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟରେ ୧୫୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗ ଦେଇ ଏଚ୍.ଆଇ.ଭି ଶଂକ୍ରମଣ ର ଭୟାବହତା ଉପରେ ଚର୍ଚ୍ଚା କରିବା ସହ ନିଜେ ସଚେତନ ହେବା ସହ ଅନ୍ୟ ମାନଙ୍କୁ ସଚେତନ କରିବାର ଶପଥ ନେଇଥିଲେ । ଲକ୍ଷ୍ୟଭେଦୀ ପ୍ରକଳ୍ପ ତରଫରୁ ପ୍ରକଳ୍ପ ନିର୍ଦ୍ଦେକ ମମତା ଦାସ ଓ କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱରଞ୍ଜନ କର ଙ୍କ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରାଯାଇଥିବା ବେଳେ ସ୍ନେହଲତା ନାୟକ , ସୀତା ରଣା ଓ କନକ ଲତା ପାତ୍ର ଏହାର ପରିଚାଳନା କରିଥିବା ଜଣାଯାଇଛି । ଆଗାମୀ ଦିନରେ ସଂକ୍ରମ ରୋକିବା ଓ ସଂକ୍ରମିତ ଚିହ୍ନଟ ହୋଇଥିବା ବ୍ୟକ୍ତିବିଶେଷ ଙ୍କ ସଠିକ ଚିକିତ୍ସା, ଯତ୍ନ ଉପରେ ଏହି ବୈଠକ ଗୁଡିକରେ ଗୁରୁତ୍ୱ ଦିଆଯିବ ବୋଲି ସଂପାଦକ ହରିଶଙ୍କର ରାଉତ କହିଥିଲେ । କଲେଜର ଅଦ୍ଧକ୍ଷ ଅଶୋକ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ଏଡସ ଭଳି ମହାମାରୀ କୁ ରୋକିବାକୁ ହେଲେ ନିଜେ ନିଜକୁ ସୁରକ୍ଷିତ ରଖିବାକୁ ହେବ ନଚେତ୍ ନିଜର ଜୀବନକୁ ମୃତ୍ୟୁ ମୁଖରେ ପକାଇବା ହିଁ ସାର ହେବ ବୋଲି କହିଥିଲେ । ଏଭଳି କାର୍ଯ୍ୟକ୍ରମକୁ ମହବିଦ୍ୟାଳୟର ଅଧାପକ ଓ ଅଧାପିକା ଏବଂ ଛାତ୍ର ଛାତ୍ରୀଙ୍କ ମହଲରେ ଭୁରିୟସି ପ୍ରସଂସା କରିଥିଲେ ।

# ମାଲକାନଗିରି ମହାବିଦ୍ୟାଳୟରେ ଏୟାର ଫୋର୍ସ ତରଫରୁ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

ମାଲକାନଗିରି, ୨୫/୧୧ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ଜିଲ୍ଲାପାଳ ବିଶାଳ ସିଂଙ୍କ ନିର୍ଦ୍ଦେଶ କ୍ରମେ ଭାରତୀୟ ବାୟୁ ବାହିନୀ, ଭୁବନେଶ୍ୱର ଏବଂ ଆଇକ୍ୟୁଏସିର ମିଳିତ ଉଦ୍ୟମରେ ଏକ କ୍ୟାରିୟର କାଉନସେଲି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି ମହେଶ୍ୱର ଚନ୍ଦ୍ର ନାୟକ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଆଇକ୍ୟୁଏସିସେଲ ର ସଂଯୋଜକ ଡ. ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିବା ସହିତ ସମସ୍ତ ସହଯୋଗ କରିଥିଲେ । ସାର୍ଜେଂଟ ବିପିନ ରାଓ୍ୱତ ଏବଂ ଭୂପେନ୍ଦର ସିଂ ଯୋଗଦାନ କରି ଅଗ୍ନିପଥ ଯୋଜନା ମାଧମରେ କିପରି ଭାବେ ଭାରତୀୟ ବାୟୁ ସେନାରେ ଯୋଗଦାନ କରିହେବ ସେ ବିଷୟରେ ଉପସ୍ଥିତ ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ନିଯୁକ୍ତି ଅଧିକାରୀ ମନସୀ ସେଠୀ ଯୋଗଦେଇ ଥିବାବେଳେ କନିଷ୍ଠ ନିଯୁକ୍ତ ଅଧିକାରୀ ଗୁପ୍ତ ମାଢ଼ୀ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ବାୟୁସେନାରେ ଯୋଗଦେବାକୁ ପରାମର୍ଶ ଦେବା ସହିତ ଉତ୍ସାହିତ କରିଥିଲେ ।

## ବେଗୁନିଆପଡ଼ାରେ ସତ୍ୟସାଇ ବାବାଙ୍କ ଜନ୍ମ ଦିବସ ପାଳିତ

ଗଞ୍ଜାମ, ୨୫/୧୧ (ନି.ପ୍ର): ବେଗୁନିଆପଡ଼ା ବାବା ସତ୍ୟସାଇଙ୍କ ୯୭ ତମ ଜନ୍ମ ଜୟନ୍ତୀ ବେଗୁନିଆପଡ଼ା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସାଇବାବାଙ୍କ ଫଟୋରେ ପୁଷ୍ପ ମାଲ୍ୟାପର୍ଣ ପୂର୍ବକ ପୂଜାର୍ଚ୍ଚନା, ଭଜନକୀର୍ତନ କରିଥିଲେ ବେଗୁନିଆପଡ଼ା ସତ୍ୟସାଇ ଭଜନ ମଣ୍ଡଳୀ। ଏହି ଅବସରରେ ନାରାୟଣ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶତାଧିକ ବ୍ୟକ୍ତିଙ୍କୁ ଅନ୍ନ ଭୋଜନ ସହ କମ୍ବଳ ବଂଟନ କରାଯାଇଥିଲା।

ସତ୍ୟସାଇ ଭଜନ ମଣ୍ଡଳୀର ସ୍ଥଗିତ କୁମାର ସାହୁଙ୍କ ସଂଯୋଜନାରେ ବରିଷ୍ଠ ଶିକ୍ଷାବିତ୍ ଜଟେଶ୍ୱର ସାହୁ, ବେଗୁନିଆପଡ଼ା ପଂଚାୟତ ସଭାପତି ଦଣ୍ଡୁ ପ୍ରଧାନ, କାହ୍ନୁ ଚରଣ ପଣ୍ଡା, ସମିତି ସଭ୍ୟା ପ୍ରତିନିଧି ସନ୍ତୋଷ ପାତ୍ର, କିର୍ତନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନାରାୟଣ ସେବାକୁ ସୂଚାରୁ ରୂପେ ସଂପାଦନ କରିଥିଲେ।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଶନିବାର, ୨୬ ନଭେମ୍ବର ୨୦୨୨

# ମହିଳାଙ୍କ ମାଂସପେଶୀ ବୃଦ୍ଧିରେ ସହାୟକ ବ୍ଲୁବେରି



ବ୍ଲୁବେରିଯୁକ୍ତ ଖାଦ୍ୟରେ ଥିବା ସେରମ୍ କିଭଳି ଭାବେ ମହିଳାଙ୍କ ମାଂସପେଶୀ ବୃଦ୍ଧି ଓ ମରାମତି ପାଇଁ ଦାୟୀ, ଏକ ସଦ୍ୟତମ ଅଧ୍ୟୟନ ତାହା ଯାଞ୍ଚ କରିଛି । ଅଧ୍ୟୟନ ଅନୁସାରେ, ୬ ସପ୍ତାହ ଧରି ବ୍ଲୁବେରିଯୁକ୍ତ ଖାଦ୍ୟ ଖାଇଥିବା ମହିଳାଙ୍କର ମାଂସପେଶୀ ପ୍ରୋଜେନିଟର କୋଷିକା କାର୍ଯ୍ୟକାରିତାରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଥିଲା । କର୍ନେଲ ୟୁନିଭର୍ସିଟିରେ ଏହି ଅଧ୍ୟୟନ ପରିଚାଳିତ ହୋଇଛି । ନ୍ୟୁଟ୍ରିସ୍ ନାମକ ପତ୍ରିକାରେ ଏହାର ଫଳାଫଳ ପ୍ରକାଶ ପାଇଛି । ୬ ସପ୍ତାହ ଧରି କରାଯାଇଥିବା ଏହି ଅଧ୍ୟୟନରେ ୨୨ ମହିଳା ଭାଗ ନେଇଥିଲେ । ୨୫-୪୦ ବର୍ଷୀୟା ୧୨ ଜଣ ଏବଂ ୬୦-୭୫ ବର୍ଷୀୟା ୧୦ ଜଣଙ୍କ ଉପରେ ଅଧ୍ୟୟନ କରାଯାଇଥିଲା । ନିୟମିତ ଖାଦ୍ୟ ସହିତ ସେମାନଙ୍କୁ ଦିନକୁ ସତେଜ ୧.୭୫ କପ୍ ବ୍ଲୁବେରି ଖାଇବାକୁ ଦିଆଗଲା । ପଲିଫେନଲ ଓ ଆନ୍‌ଥୋସିଆନିନ୍‌ଯୁକ୍ତ ଅନ୍ୟ ଖାଦ୍ୟ ନ ଖାଇବାକୁ ମଧ ନିର୍ଦ୍ଦେଶ ଦିଆଗଲା । ସକାଶେ ବ୍ଲୁବେରି ଡୋଜ୍ ଖାଇବାର ଦେଢ଼ ଘଣ୍ଟା ପରେ ସେମାନଙ୍କଠାରୁ ସେରମ୍ ନିଆଗଲା । ଉକ୍ତ ସେରମ୍ କିଭଳି ଭାବେ ପ୍ରୋଲିଫରେସନ୍ କିମ୍ବା କୋଷିକା ସଂଖ୍ୟା ଜରିଆରେ ମାଂସପେଶୀ ପ୍ରୋଜେନିଟର କୋଷିକା କାର୍ଯ୍ୟକାରିତା ଉପରେ ପ୍ରଭାବ ପକାଏ, ଗବେଷକମାନେ ତା'ର ଯାଞ୍ଚ କଲେ । ଅକ୍ସିଡେଟିଭ୍ ଚାପ ଏବଂ ଅମ୍ଳଜାନ ଗ୍ରହଣ ହାର କିମ୍ବା ମେଟାବଲିଜମ୍ ନିୟନ୍ତ୍ରଣରେ ଏହାର ଦକ୍ଷତା ମଧ ଯାଞ୍ଚ କରାଗଲା । ଫଳାଫଳରୁ ଜଣାପଡ଼ିଲା, ୬ ସପ୍ତାହ ଧରି ବ୍ଲୁବେରି ଖାଇଥିବା ୨୫-୪୦ ବର୍ଷୀୟା ମହିଳାଙ୍କଠାରୁ ପ୍ରାପ୍ତ ବ୍ଲୁବେରି ସମୃଦ୍ଧ ସେରମ୍ ମାନବ କୋଷିକା ପ୍ରୋଜେନିଟର କୋଷିକା ସଂଖ୍ୟା ବୃଦ୍ଧି କରିଥିଲା । କିନ୍ତୁ ୬୦-୭୫ ବର୍ଷୀୟା ମହିଳାଙ୍କଠାରେ ଏହାର କୌଣସି ହିତକର ପ୍ରଭାବ ଦେଖାଯାଇନଥିଲା । ମାଂସପେଶୀ ପ୍ରୋଜେନିଟର ସେଲ୍ କାର୍ଯ୍ୟକାରିତା ଉପରେ ଏହି ପ୍ରାଥମିକ ଅଧ୍ୟୟନ ଚିକିତ୍ସକୀୟ ଉଦ୍ଭାବନ ଦିଗରେ ଭବିଷ୍ୟତ ଅଧ୍ୟୟନ ପାଇଁ ପଥ ପ୍ରଦର୍ଶକ ହେବ ବୋଲି ଅଧ୍ୟୟନର ମୁଖ୍ୟ ଯାଞ୍ଚକର୍ତ୍ତା ଆନା ଥାଲାକର ମରସର କହିଛନ୍ତି ।

# ଗଛ ବି ସଚେତନ

ମଣିଷ ଯେକୌଣସି ବିପଦ ପଡ଼ିଲେ ତାହାକୁ ସାମ୍ନା କରେ ବା ପ୍ରତିହତ କରିବାକୁ ଚେଷ୍ଟା କରିଥାଏ । ଠିକ୍ ସେମିତି ଗଛ ମଧ୍ୟ ବିପଦକୁ ପ୍ରତିହତ କରିବାର କ୍ଷମତା ରଖିଥାଏ । ଯଦି କୌଣସି ପୋକ କିମ୍ବା ମାରାତ୍ମକ କୀଟ ଦ୍ୱାରା ଆକ୍ରାନ୍ତ ହୁଏ, ତା' ହେଲେ ନିଜେ ତାକୁ ସମ୍ଭାଳିନେବାକୁ ଚେଷ୍ଟା କରେ । ଏମିତିକି ଗଛ ବିପଦର ସମ୍ମୁଖୀନ ହୋଇଛି ବୋଲି ସୂଚନା ମଧ୍ୟ ଦିଏ ।

ସାଙ୍କେତିକ ଭାବରେ ପତ୍ର ନାଲି ପଡ଼ିବା କି ମୋଡ଼ି ମୋଡ଼ି ହୋଇଯିବା, ଝାଉଁଳି ପଡ଼ିବା ଆଦି ଲକ୍ଷଣର ମଧ୍ୟ ଦେଖାଇଥାଏ । ଫଳ ସ୍ୱରୂପ ଫଳ କି ପନିପରିବା ଗଛ ହୋଇଥିଲେ, ତାହାର ନିରାକରଣ କରିବାକୁ ଆମେ ଆଗଭର ହେଉଥିବା ବେଳେ ଅନ୍ୟାନ୍ୟ କ୍ଷେତ୍ରରେ ଗୁରୁତ୍ୱ ଦେଇ ନଥାଉ ।

ରୋଗପୋକ ଦାଉରୁ ନିଜକୁ ରକ୍ଷା କରିବାକୁ ଫିନୋଲିକ୍ସ ନାମକ ଏକ ରାସାୟନିକ ପଦାର୍ଥ ତା' ପତ୍ରରୁ କ୍ଷରଣ କରିଥାଏ ଗଛଟିଏ ।



## ସ୍ୱାସ୍ଥ୍ୟ ଟିପ୍ସ

ଅଧ ରାତିରେ ନିଦ ଭାଙ୍ଗିବାକୁ ନେଇ ଅନେକ ବ୍ୟସ୍ତ ହୁଅନ୍ତି । ଏହାକୁ ରୋଗ ଭାବନ୍ତି । ତେବେ, ଏହା ରୋଗ ନୁହେଁ । ରାତିରେ ନିଦ ଭାଙ୍ଗିବା ସହ ସ୍ୱାସ୍ଥ୍ୟର ବିଶେଷ ସଂପର୍କ ନାହିଁ । ଏହା ପ୍ରାକୃତିକ । ବିଦ୍ୟୁତ୍ ଶକ୍ତିର ବ୍ୟବହାର ପୂର୍ବରୁ ମଣିଷ ରାତିରେର ଦୁଇ ଥର ଶୋଉଥିଲା । ତା'ର ରାତ୍ରିକାଳୀନ କାର୍ଯ୍ୟକଳାପ, ତାରାଙ୍କୁ ଦେଖି ହେଉଥିଲା । ସାଧାରଣର ଭାବେ ସନ୍ଧ୍ୟା ପରେ ପରେ ମଣିଷ ଶୋଇଯାଉଥିଲା । ଦୁଇ-ଚାରି ଘଣ୍ଟା ପରେ ଉଠି ଆବଶ୍ୟକ ସ୍ଥଳେ ଖାଉଥିଲା-ପିଉଥିଲା; ଭଗବାନଙ୍କୁ ପ୍ରାର୍ଥନା କରୁଥିଲା; ଜହ୍ନ ଆଲୁଅରେ ହୋଇପାରିବା ଭଳି କାମ କରୁଥିଲା । ରାତ୍ରିରେ ଶୁକ୍ର ତାରାର ସମୟ (ରାତି ତିନିଟା)ରେ ମଧ୍ୟ ମଣିଷର ନିଦ ସ୍ୱାଭାବିକ ଭାବେ ଭାଙ୍ଗୁଥିଲା । ତେଣୁ, ରାତିରେ ନିଦ ଭାଙ୍ଗିବା ରୋଗ ନୁହେଁ । ମଣିଷର ଅବଚେତନାରେ ଏହା ରହିଛି । ଏହାର ପ୍ରମାଣ ଇତିହାସ, ସାହିତ୍ୟ, ମେଡିକାଲ୍ ରେକର୍ଡ୍



# ବାସ୍ତୁ ଦୋଷ ଦୂର କରେ ସିନ୍ଦୂର

ସିନ୍ଦୂରରେ ରହିଛି ଅପୂର୍ବ ଶକ୍ତି । ମହିଳାଙ୍କର ଏହା ପରିଚୟ ସୃଷ୍ଟି କରିଥିବାବେଳେ ଦେବୀ ତାଙ୍କ ମଥାରେ ସିନ୍ଦୂରରେ ମାନବ ଜାତିକୁ ଆର୍ଶୀବାଦ ବର୍ଷା କରିଥାନ୍ତି । ପୁଣି ଏହି ସିନ୍ଦୂରର ବ୍ୟବହାର ଯୋଗୁ ଘରୁ ନକାରାତ୍ମ ଶକ୍ତି ଦୂର ହୋଇ ସକାରାତ୍ମକ ଶକ୍ତି ପ୍ରବେଶ କରେ । ଅନେକ ଶୁଭଫଳ ଏହାଦ୍ୱାରା ପ୍ରାପ୍ତ ହୋଇଥାଏ ।


♦ ବାସ୍ତୁ ଶାସ୍ତ୍ର ଅନୁସାରେ ଦୁଆରରେ ତେଲ ଓ ସିନ୍ଦୂରକୁ ମିଶାଇ ଲଗାଇଲେ ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ । ଏହାସହ ମାତା ଲକ୍ଷ୍ମୀ ମଧ ପ୍ରସନ୍ନ ହୋଇଥାନ୍ତି । ଏହା ଘରର ସମସ୍ତ ବାସ୍ତୁ ଦୋଷ ଦୂର କରିବାରେ ସହାୟକ ହୋଇଥାଏ ।

♦ ଯଦି କୌଣସି ଆର୍ଥିକ ସମସ୍ୟାରୁ କଷ୍ଟ ଭୋଗୁଥାନ୍ତି, ଏକ ନଡ଼ିଆରେ ସିନ୍ଦୂର ଲଗାଇ ଏହାକୁ ଏକ ରଙ୍ଗ କପଡ଼ାରେ ବାନ୍ଧି ପୂଜା କରନ୍ତୁ । ଏହାଦ୍ୱାରା ମାତା ଲକ୍ଷ୍ମୀ କୃପା କରିବେ ଓ ଆର୍ଥିକ ସମସ୍ୟା ଦୂରେଇ ଯିବେ ।

♦ ମଙ୍ଗଳ ଗ୍ରହ ଅଶାନ୍ତି ଥିଲେ ପାଣିରେ ସିନ୍ଦୂର ଭସାଇ ଦିଅନ୍ତୁ । ଏହା ଦ୍ୱାରା ଗ୍ରହ ଦୋଷ ଦୂର ହୋଇଯିବ ।



# ଶସ୍ତା ଆପାତକାଳ ଭେଣ୍ଟିଲେଟର



ସାଧାରଣ ଗୁଣବତ୍ତାଯୁକ୍ତ ଉପକରଣ ବ୍ୟବହାର କରି ଆମେରିକୀୟ ବୈଜ୍ଞାନିକମାନେ ଏକ ଆପାତକାଳୀନ ଭେଣ୍ଟିଲେଟର ପ୍ରସ୍ତୁତ କରିଛନ୍ତି । ଅତ୍ୟାଧୁନିକ ଜ୍ଞାନକୌଶଳ ଉପଲବ୍ଧ ନ ଥିବାବେଳେ କିମ୍ବା ଯୋଗାଣରେ ସମ୍ଭବ ହେଉନଥିବାବେଳେ ଏହି ଉଦ୍ଭାବନ ଜୀବନ ବଞ୍ଚାଇବାରେ ସହାୟକ ହୋଇପାରିବ । ଏହି ଭେଣ୍ଟିଲେଟର୍‌ର ମୂଲ୍ୟ ୪ ଶହ ଆମେରିକୀୟ ଡଲାରରୁ କମ୍ । ସବୁଠୁ ସରଳ ଭେଣ୍ଟିଲେଟର୍‌ରେ ଡାକ୍ତରମାନେ ହାତରେ ଏକ ସ୍ୱୟଂଚାଳିତ ଥଳିକୁ ଦବାଇଥାନ୍ତି, ଯାହା ଦ୍ୱାରା ପବନ ଫୁସ୍‌ଫୁସ୍ ପର୍ଯ୍ୟନ୍ତ ଯାଇଥାଏ । ଅନ୍ୟପକ୍ଷେ ଅତ୍ୟାଧୁନିକ ସ୍ୱୟଂଚାଳିତ ଭେଣ୍ଟିଲେଟରଗୁଡ଼ିକରେ ଏକାଧିକ ପାରାମିଟର ନିୟନ୍ତ୍ରଣ ନିମନ୍ତେ ଜଟିଳ ଇଲେକ୍ଟ୍ରୋନିକ୍ସ ପ୍ରୟୋଗ କରାଯାଇଥାଏ । କିନ୍ତୁ ସଦ୍ୟ ବିକଶିତ ଏହି ଭେଣ୍ଟିଲେଟର ସେ ମାମଲାରେ ଖୁବ୍ ଶସ୍ତା ଏବଂ ଏଥିରେ ସଂଲଗ୍ନ ସେଲ୍‌ଫି-ଇନ୍‌ଫ୍ଲାଟିଙ୍ଗ ଥଳି ଆପଣାଛାଏଁ କାର୍ଯ୍ୟକାରୀ ହୋଇଥାଏ । ଆମେରିକାର ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ଗବେଷକମାନେ ଏହି ଉପକରଣ ପ୍ରସ୍ତୁତ କରିଛନ୍ତି । ଅଧ୍ୟୟନର ସହ ଲେଖକ ମାର୍ଟିନ୍ ବ୍ରିଡେନ୍‌ବାଚ କହନ୍ତି 'ଆମେ ଏକ ପ୍ରଭାବଶାଳୀ ତଥା ସରଳ ଉପକରଣ ନିର୍ମାଣ କରିବାକୁ ଚାହୁଁଥିଲୁ । ଭେଣ୍ଟିଲେଟର୍‌ର ଘୋର ଅଭାବ ଦୃଷ୍ଟିରେ ରହଖି ଏହାର ଏକ ବିକଳ୍ପ ବିକାଶ ପାଇଁ ଆମେ ଆଗ୍ରହୀ ହେଲୁ । ଯେତେ ଶୀଘ୍ର ସମ୍ଭବ ଏହି ଉପକରଣକୁ କାମରେ ଲଗାଇବାକୁ ଆମେ ଯୋଜନା କରୁଛୁ ।' ନିଜେ ନିଜେ ଶ୍ୱାସକ୍ରିୟା କରିପାରୁନଥିବା ରୋଗୀଙ୍କ ପାଇଁ ଭେଣ୍ଟିଲେଣ ଏକ ବରଦାନ ସଦୃଶ । ଗମ୍ଭୀର ରୋଗୀଙ୍କ ପାଇଁ ଏହାର ଅଭାବ ଏକ ସାଧାରଣ ସମସ୍ୟା ହୋଇଛି ବୋଲି ଅଧ୍ୟୟନରେ ସାମିଲ ଗବେଷକମାନେ କହିଛନ୍ତି । ସଦ୍ୟ ବିକଶିତ ଉପକରଣଟି ଅମ୍ଳଜାନଯୁକ୍ତ ବାୟୁକୁ ଏକ ଟ୍ୟୁବ୍ ସାହାଯ୍ୟରେ ରୋଗୀର ଫୁସ୍‌ଫୁସ୍ ପର୍ଯ୍ୟନ୍ତ ପହଞ୍ଚାଏ । ଫୁସ୍‌ଫୁସ୍‌କୁ ପ୍ରସାରିତ କରି ଅମ୍ଳଜାନ ଗ୍ରହଣରେ ସାହାଯ୍ୟ କରେ । ଏହା ପରେ ଫୁସ୍‌ଫୁସ୍ ଆପଣାଛାଏଁ ସଙ୍କୁଚିତ ହୁଏ ଏବଂ ବାୟୁକୁ ପାଣି ଠେଲିଥାଏ । ବୈଜ୍ଞାନିକଙ୍କ ମତରେ, ସଦ୍ୟ ଉଦ୍ଭାବନ ଏକ ସରଳ ମଡେଲ ଉପରେ ଆଧାରିତ, ଫଳରେ ଏଥିରେ ଥିବା ଥଳିଟି ଆପଣାଛାଏ ସଙ୍କୁଚିତ ହୁଏ । ମେଡିକାଲ ଉପକରଣର ଅଭାବଯୁକ୍ତ ମଧ ଓ ନିମ୍ନ ଆୟବର୍ଗର ଦେଶମାନଙ୍କ ପାଇଁ ଏହା ଖୁବ୍ ସହାୟକ ହୋଇପାରିବ ବୋଲି ଅଧ୍ୟୟନକର୍ତ୍ତା କହିଛନ୍ତି ।

# ରହସ୍ୟମୟ ଗାଟା ଲୁପ୍ସ ସଡ଼କ



ଦେଶବିଦେଶରୁ ବହୁ ପର୍ଯ୍ୟଟକ ହିମାଚଳ ପ୍ରଦେଶ ବୁଲି ଆସନ୍ତି । ଏଠାକାର ପ୍ରକୃତିର ସୌନ୍ଦର୍ଯ୍ୟ ଲୋକଙ୍କୁ ଆକର୍ଷିତ କରିଥାଏ । ହେଲେ ଏହି ସ୍ଥାନରେ ଏମିତି କିଛି ରହସ୍ୟମୟ ସ୍ଥାନ ଅଛି ଯାହା ବିଷୟରେ ଅନେକେ ଜାଣିନାହାନ୍ତି । ସେମିତି ଗୋଟିଏ ସ୍ଥାନ ହେଲା ଗାଟା ଲୁପ୍ସ । ମୋଟା ଲୁପ୍ସ ଚକ୍ରାକାର ସଡ଼କ ପାଇଁ ପ୍ରସିଦ୍ଧ । ଗାଟା ଲୁପ୍ସରେ ୨୧ଟି ଚକ୍ରାକାର ସଡ଼କ ରହିଛି । ସଡ଼କଟି ସମୁଦ୍ର ପତ୍ତନଠାରୁ ୧୭ ହଜାର ଫୁଟ୍ ଉଚ୍ଚରେ ଅବସ୍ଥିତ । ଏତେ ଉଚ୍ଚତାରେ ଥିବା ପାହାଡ଼ିଆ ରାସ୍ତା ଦେଇ ଯିବାଆସିବା କରିବାକୁ ଲୋକେ ଭୟ କରନ୍ତି । ହେଲେ ମାଲବାହୀ ଟ୍ରକଗୁଡ଼ିକ ଏହି ରାସ୍ତାରେ ଯାଇଥାଏ । ଶୀତଦିନେ ତୁଷାରପାତ ଯୋଗୁଁ ଗାଟା ଲୁପ୍ସ ସଡ଼କ ବନ୍ଦ ହୋଇଯାଏ । ଏହି ସଡ଼କକୁ ନେଇ ଅନେକ ରହସ୍ୟମୟ କାହାଣୀ ରହିଛି । ଏହି ରାସ୍ତାରେ ଥିବା ଏକ ମନ୍ଦିର ପ୍ରେତାତ୍ମା ଉଦ୍ଦେଶ୍ୟରେ ସମର୍ପିତ । କୁହାଯାଏ ଯେ ଏହି ସ୍ଥାନରେ ଲୋକମାନେ ପ୍ରେତାତ୍ମା ପାଇଁ ପାଣି ବୋତଲ ରଖି ଯାଇଥାନ୍ତି । ଲୋକେ ଏପରି କରିବା



ପଛରେ ଏକ କାହାଣୀ ରହିଛି । ୧୯୯୯ ମସିହାର କଥା । ଗୋଟିଏ ଟ୍ରକ ଗୋଟା ଲୁପ୍ସ ରାସ୍ତାରେ ଯିବାବେଳେ ଖରାପ ହୋଇଯାଇଥିଲା । ଡ୍ରାଇଭର ଓ ହେଲପର ଟ୍ରକ ମରାମତି କରିବାକୁ ବହୁ ଚେଷ୍ଟା କରିଥିଲେ । କିନ୍ତୁ ଟ୍ରକ ଠିକ୍ ହୋଇନଥିଲା । ତୁଷାରପାତ ଯୋଗୁ ରାସ୍ତା ବନ୍ଦ ହୋଇ ଯାଇଥିଲା । ପାଖ ଗାଁକୁ ସାହାଯ୍ୟ ମାଗିବାକୁ ଯିବାକୁ ଡ୍ରାଇଭର ଭାବିବା ବେଳକୁ ଅଚାନକ ହେଲପରର ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା । ବାଧ ହୋଇ ଡ୍ରାଇଭର ଏକା ପାଖ ଗାଁକୁ ଚାଲି ଯାଇଥିଲେ । କିଛି ଦିନ ପରେ ଡ୍ରାଇଭର ଗାଁ ଲୋକଙ୍କୁ ନେଇ ଟ୍ରକ ପାଖକୁ ଆସିଥିଲେ । ହେଲେ ସେତେବେଳକୁ ହେଲପରର ମୃତ୍ୟୁ ହୋଇ ସାରିଥିଲା । ଲୋକମାନେ ହେଲପରର ସେହି ସ୍ଥାନରେ ଅନ୍ତିମ ସଂସ୍କାର କରିଥିଲେ । ହେଲପର୍ ମରିଥିବା ସ୍ଥାନରେ ଛୋଟ ଘରଟିଏ ତିଆରି କରି ଦେଇଥିଲା । କୁହାଯାଏ ଯେ, ହେଲପରର ଆତ୍ମା ଆଜି ବି ଗାଟା ଲୁପ୍ସରେ ଘୂରି ବୁଲୁଛି । ଆଜି ବି ଲୋକେ ଗାଟା ଲୁପ୍ସ ସଡ଼କ ଦେଇ ଯିବା ସମୟରେ ସେହି ଘର ସାମ୍ନାରେ ପାଣି ଏବଂ ଆବଶ୍ୟକ ସାମଗ୍ରୀ ରଖି ଦେଇଯାଆନ୍ତି ।

# ଗୁରୁବାରେ ବୃହସ୍ପତି ବ୍ରତ

ମାନସିକ ଚିନ୍ତା ଓ ସମସ୍ୟା ଦେଇ ଗତି କରୁଥିଲେ ଗୁରୁବାର ଦିନ ବୃହସ୍ପତି ବ୍ରତ କରନ୍ତୁ । ଏହାଦ୍ୱାରା ବୃହସ୍ପତିଙ୍କ କୃପାରୁ ଆପଣଙ୍କର ମାନସିକ ଚିନ୍ତା ଦୂର ହୋଇ ସୁଖ ଶାନ୍ତି ବୃଦ୍ଧି ପାଇବ ।

■ ଗୁରୁବାର ଦିନ ଗୁରୁ ବା ବୃହସ୍ପତି ଗ୍ରହର ବ୍ରତ ରଖିବ, ସୂର୍ଯ୍ୟ ଉଦୟ ପୂର୍ବରୁ ସ୍ନାନ କରିସାରିବା ପରେ ହଳଦିଆ ରଙ୍ଗର ବସ୍ତ୍ର ପରିଧାନ କରନ୍ତୁ । ବ୍ରତଧାରୀ ଲୁଣ ପଡ଼ି ନଥିବା ଖାଦ୍ୟ ଖାଆନ୍ତୁ । ହଳଦିଆ ରଙ୍ଗର ଖାଦ୍ୟ ଯଥା ଖେଚୁଡ଼ି, ଆମ୍ବ, କଦଳୀ ଆଦି ଖାଇବେ ।

■ ପୂଜା କରିବା ସମୟରେର ଏକ ଚୌକିରେ ହଳଦିଅ ରଙ୍ଗ କପଡ଼ା ବିଛାଇ, ତାହା ଉପରେ ବୃହସ୍ପତିଙ୍କ ମୂର୍ତ୍ତି କିମ୍ବା ଫଟୋ ରଖି ପୂଜା କରନ୍ତୁ ।

■ ହଳଦିଆ ଚନ୍ଦନ, ହଳଦୀ ଚାଉଳ, ହଳଦିଆ ରଙ୍ଗର ଫୁଲ ଓ ହଳଦିଆ ରଙ୍ଗର ଲଡୁ ପୂଜାରେ ବ୍ୟବହାର କରନ୍ତୁ । ଏହାସହ ଗୁରୁବାର ବ୍ରତ କଥା ପଢ଼ନ୍ତୁ କିମ୍ବା ଶୁଣନ୍ତୁ ।

■ ପୂଜା ସଂମ୍ପୂର୍ଣ୍ଣ ହେବା ପରେ ନିଜ ମୁଣ୍ଡରେ ହଳଦୀ ତିଲକ ଲଗାଇଲେ ଶୁଭ ଫଳ ମିଳିଥାଏ ।

■ 'ଓଁ ବୃହସ୍ପତି ନମଃ' ମନ୍ତ୍ର ୧୦୮ ଥର ଜପ କରନ୍ତୁ ।




■ ହଳଦୀ, ଚଣା ଡାଲି, ଆମ୍ବ କଦଳୀ, ସୁନା ପରି ହଳଦିଆ ରଙ୍ଗର ପଦାର୍ଥ ଗରିବଙ୍କୁ ଦାନ କରନ୍ତୁ ।

■ ଗୁରୁବାର ଦିନ ଗୋମାତାଙ୍କୁ ରୁଟି ଓ କଞ୍ଚା ଚଣାଡାଲି ମିଶାଇ ଖାଇବାକୁ ଦିଅନ୍ତୁ ।

■ ଏହିଦିନ ହଳଦୀ ମିଶା ପାଣି କଦଳୀ ଗଛ ମୂଳରେ ଢାଳନ୍ତୁ ।

■ ଏହାପରେ ସନ୍ଧ୍ୟା ସମୟରେ କଦଳୀ ଗଛ ମୂଳରେ ଘିଅ ଦୀପ ଜଳାନ୍ତୁ ।

ଏହାଦ୍ୱାରା ବୃହସ୍ପତି ପ୍ରସନ୍ନ ହୋଇଥାନ୍ତି ।

# ସର୍ତ୍ତ ସହ ମାଗଣାରେ ପିଜା ଦେଉଛି ରେଷ୍ଟୁରାଣ୍ଟ



ଅନେକ ସମୟରେ ଭିନ୍ନ ଭିନ୍ନ ରେଷ୍ଟୁରାଣ୍ଟ ଗ୍ରାହକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ନିଆରା ଅଫର ଦେଇଥାନ୍ତି । ଏପରି ଏକ ଅଫର ନେଇଆସିଛି ଆମେରିକାର ଦ' କରି ପିଜା କମ୍ପାନୀ । ତେବେ କମ୍ପାନୀ ଦେଇଥିବା ସର୍ତ୍ତକୁ ମାନିଲେ ମିଳିବ ମାଗଣା ପିଜା । କାର୍ଲିଫର୍ଣ୍ଣିଆର ଏହି କମ୍ପାନୀ ତାର ରେଷ୍ଟୁରାଣ୍ଟକୁ ଆସୁଥିବା ଗ୍ରାହକମାନଙ୍କୁ ଖାଇବା ଟେବୁଲକୁ ଯିବା ପୂର୍ବରୁ ମୋବାଇଲ ରଖିବାକୁ ସର୍ତ୍ତ ରଖିଛି । ଯେଉଁ ଗ୍ରାହକ ରେଷ୍ଟୁରାଣ୍ଟରେ ମୋବାଇଲ ୨୪ଘଣ୍ଟା ପାଇଁ ରଖିବେ ତାଙ୍କୁ ପରେ ଏକ ପିଜା ଦିଆଯିବ । ସେମାନେ ଚାହିଁଲେ ପିଜା ଖାଇପାରିବେ ନଚେତ ଅନ୍ୟ କାହାକୁ ଦାନ କରିପାରିବେ । ଏହାପରେ ମଧ ଆଉ ଏକ ସର୍ତ୍ତ ରହିଛି ମାଗଣା ପିଜା ପାଇଁ ଆସିବାକୁ ହେଲେ ଜଣେ ଗ୍ରାହକଙ୍କୁ ଅତିକମରେ ୪ଜଣ ଲୋକଙ୍କୁ ନେଇ ରେଷ୍ଟୁରାଣ୍ଟକୁ ଆସିବାକୁ ହେବ । ଏହି ଅଫର ସମ୍ପର୍କରେ ରେଷ୍ଟୁରାଣ୍ଟକୁ ଆସିବାକୁ ହେବ । ଏହି ଅଫର ସମ୍ପର୍କରେ ରେଷ୍ଟୁରାଣ୍ଟର ମାଲିକ କହିଛନ୍ତି ଯେ, ଆଜିକାଲି ଲୋକେ ପରସ୍ପର ମଧ୍ୟରେ କଥା ହେବାକୁ ସମୟ ପାଉନାହାଁନ୍ତି । ସେମାନେ ମୋବାଇଲ ଫୋନରେ ଅଧିକ ସମୟ ବିନିଯୋଗ କରୁଛନ୍ତି । ତେଣୁ ମୋବାଇଲ ଠାରୁ ଦୂରେଇ ରଖିବା ପାଇଁ ଆମେ ଏଭଳି ଅଭିନବ ଯୋଜନା ଆରମ୍ଭ କରିଛୁ ।

# ଥାଳିରେ ଫୋନ୍ ପାଇଁ ସ୍ଥାନ




ଶୀର୍ଷକଟି ଅଜବ ମନେହେଉଥିବ । କିନ୍ତୁ ଏହା ସତ । ବର୍ତ୍ତମାନ ସମୟରେ ଫୋନ୍ ଆମ ଜୀବନରର ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି । ଦିନସାରା ଫୋନ୍ ସ୍କ୍ରଲ୍ କରୁଥିଲେ ମଧ ଜମାରୁ ବୋର୍ ଲାଗୁନାହିଁ । କାମ ସହିତ ସୋସିଆଲ ମିଡିଆରେ ଆକ୍ଟିଭ୍ ରହିବାକୁ ଲୋକେ ମଲ୍ଟି ଟାସ୍କିଙ୍ଗ୍ ବୋଲି କହୁଛନ୍ତି । କିନ୍ତୁ ଖାଇବା ସମୟରେ ଯଦ ଡାଲି କିମ୍ବା ତରକାରୀରେ ଫୋନ୍ ପଡ଼ିଯାଏ, ତେବେ କ'ଣ କରିବେ ? ଏହି ସମସ୍ୟାରର ଉପଯୁକ୍ତ ସମାଧାନ ହେଉଛି 'ମଡର୍ନ ଥାଳି' । ଗୋଟିଏ ଟ୍ରେରେ ସାଧାରଣତଃ ରୁଟି, ଡାଲି, ଭାତ, ଦହି, ସାଲାଡ୍ ଓ ମିଠା ଆଦି ଅଲଗା ଅଲଗା ବ୍ୟଞ୍ଜନ ପାଇଁ ଅଲଗା ସ୍ଥାନ ଥାଏ । କିନ୍ତୁ ଏହି ମର୍ଡନ ଥାଳିର ଫଟୋ ଏବେ ସୋସିଆଲ ମିଡିଆରେର ଖୁବ୍ ଭାଇରାଲ ହେଉଛି, ଯେଉଁଥିରେ ଜଣେ ବ୍ୟକ୍ତି ଖାଦ୍ୟର ମଜା ନେବା ସହିତ ଫୋନ୍ ବ୍ରାଉଜ୍ କରୁଛନ୍ତି । ଫୋନ୍‌ଟିକୁ ସେ ଉକ୍ତ ଟ୍ରେ ଭିତରେ ରଖିଛନ୍ତି ଏବଂ ଖାଇବା ସହିତ ଫୋନ୍ ସ୍କ୍ରଲ୍ କରୁଛନ୍ତି । ଏଥିରେ ଫୋନ୍ ପାଇଁ ଅଲଗା ସ୍ଥାନ ରହିଛି । କ୍ରିକେଟର ହରଭଜନ ସିଂହ ଏହି ଫଟୋ ନିଜ ଟ୍ୱିଟର ହ୍ୟାଣ୍ଡେଲରେ ଶେୟାର କରିଛନ୍ତି ଏବଂ କ୍ୟାପ୍‌ସନ ଲେଖିଛନ୍ତି 'ଫୋନ୍ ପାଇଁ ଅଲଗା ସ୍ଥାନଯୁକ୍ତ ମର୍ଡନ ଥାଳି' । ଶେୟାର ହେବା ପରଠୁ ଟ୍ୱିଟ୍‌କୁ ୨୦ ହଜାରରୁ ଊର୍ଦ୍ଧ୍ୱ ଲାଇକ୍ ମିଳିଛି । ଖାଇବାବେଳେ ଫୋନ୍ ଅପରେଟ୍ କରିବାର ଏହି ହଟ୍‌କେ ସମାଧାନକୁ ନେଇ ୟୁଜର୍ ଭିନ୍ନ ଭିନ୍ନ ମତ ଦେଇଛନ୍ତି । କେହି କେହି ଲେଖିଛନ୍ତି- ଥାଳି ପୁରୁଣା କିନ୍ତୁ ଫୋନ୍ ରଖିବାର ବିଚାର ନୂଆ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସ୍ୱୀକାରୋକ୍ତି...

ଦୀର୍ଘଦିନ ଧରି ଅସମାହିତ ରହିଥିବା ଏକ ପ୍ରଶ୍ନର ଉତ୍ତର ଯେପରି ପାକିସ୍ତାନ ନାଗରିକମାନଙ୍କୁ ମିଳିଯାଇଛି । ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଆଇଏସଆଇର ପୂର୍ବତନ ମୁଖ୍ୟ ଲେଫ୍ଟନାଂଟ ଜେନେରାଲ ଅସୀମ ମୁନିରଙ୍କୁ ପାକିସ୍ତାନର ପରବର୍ତ୍ତୀ ସେନାମୁଖ୍ୟ ଭାବେ ନିଯୁକ୍ତ ପ୍ରଦାନ କରିଛନ୍ତି । ଫଳରେ ଛଅବର୍ଷ ଧରି ସେନାଧ୍ୟକ୍ଷ ପଦରେ ରହି ବହୁ ରାଜନୈତିକ ଉତ୍ଥାନ-ପତନ ଦେଖୁଥିବା ଜେନେରାଲ କମର ଜାଭେଦ ବାଜ କେତେ ଗୁରୁତ୍ୱପୂର୍ଣ୍ଣ ସେକଥା କେବଳ ସେ ଦେଶବାସୀ ନୁହନ୍ତି, ସମଗ୍ର ବିଶ୍ୱ ସୁଦ୍ଧା ଅବଗତ । ଏକଥା ବିଦାୟୀ ସେନାଧ୍ୟକ୍ଷ ଜେନେରାଲ ବାଜୱା ବୁଧବାର ଦିନ ଅଭିଭାଷଣରେ ସ୍ପଷ୍ଟ କରିଛନ୍ତି । ବାଜୱାଙ୍କ ଭାଷଣ ଏକାଧିକ କାରଣରୁ ମହତ୍ତ୍ୱ ବହନ କରେ । ପ୍ରଥମତଃ ସେ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନ ଜନ୍ମଲାଭ ସମୟରେ ସେନା ରାଜନୈତିକ ବ୍ୟାପାରରେ ଅସାମ୍ବିଧାନିକ ଭାବେ ହସ୍ତକ୍ଷେପ କରିଛି । ଏହା କେବଳ ଏକ ସ୍ୱୀକାରୋ ମାତ୍ର । ଅନ୍ୟଥା ଏକଥା ସମସ୍ତଙ୍କୁ ଭଲଭାବେ ଜଣା, ସେ ଦେଶର ୭୫ବର୍ଷ ଇତିହାସରେ ୩୪ବର୍ଷ ଧରି ଶାସନ କରିଛନ୍ତି ସାମରିକ ମୁଖ୍ୟ । କେତେବେଳେ ସାମରିକ ବିଦ୍ରୋହରେ ତ ଆଉ କେତେବେଳେ ନିର୍ବାଚିତ ସରକାରକୁ ବରଖାସ୍ତ କରି। ସେନାକୁ କ୍ଷୁବ୍ଧ କରି କ୍ଷମତାରୁ ବିତାଡ଼ିତ ହେବାର ଦୁଇଟି ସଦ୍ୟତମ ଉଦାହରଣ ହେଉଛନ୍ତି ନଲ ସରିଫ ଏବଂ ଇମ୍ରାନ ଖାନ୍ । ଯେଉଁ ଇମ୍ରାନ ଖାନ ଜେନେରାଲ ବାଜଙ୍କୁ କରିଥିଲେ, ସେଇ ଇମ୍ରାନ ତାଙ୍କ କ୍ରୋଧର ଶିକାର ହୋଇ କୁସି ହରାଇଥିଲେ ଏବଂ ନୱାଜ ସରିଫଙ୍କୁ ମଧ୍ୟ ଜେନେରାଲ ପର୍ଭେଜ ମୁଶାରଫ ଅନୁରୂପ ଯେ, ଗତବର୍ଷ ଫେବ୍ରୁଆରୀଠାରୁ ସେନା ସିଦ୍ଧାନ୍ତ ନେଇଛି ରାଜନୈତିକ କାର୍ଯ୍ୟକଳାପରେ ହସ୍ତକ୍ଷେପ କରିବନାହିଁ । ଏହାଠାରୁ ବଳି ତାହା ମିଛ ଆଉ କିଛି ଥାଇନପାରେ। ଅବଶ୍ୟ ସମୟ ହିଁ ଏହାର ପ୍ରମାଣ ଦେବ । ଏବେ ନୂତନ ସେନାଧ୍ୟକ୍ଷ ଭାବେ ଅସିମ ମୁନୀରଙ୍କ ଉପରେ ଦାୟିତ୍ୱର ଏକ ବିରାଟ ବୋଝ କାରଣ ଦେଶର ଆର୍ଥିକ ଓ ରାଜନୈତିକ ଅବସ୍ଥା ଏବେ ଯେଉଁଭଳି ବିପର୍ଯ୍ୟସ୍ତ ଓ ଗୋଳମାଳିଆ ଅବସ୍ଥାରେ ରହିଛି, ତାହା ସେନାବାହିନୀର ପ୍ରଚ୍ଛନ୍ନ ସହଯୋଗ ଆକାଂକ୍ଷୀ। ଏହା ବ୍ୟତୀତ ପାକିସ୍ତାନ ଏବେ ଆତଙ୍କବାଦୀଙ୍କ ସହ ଯେଉଁଭଳି ମୁକାବିଲା କରୁଛି ସେଥରେ ଆମେରିକା ସମେତ ଅନ୍ୟ ରାଷ୍ଟ୍ରମାନେ ଇସଲାମାବାଦକୁ ଏକପ୍ରକାର ବାସନ୍ଦ ଅବସ୍ଥାରେ ରଖୁଛନ୍ତି । ଆମେରିକା ଆଶୀର୍ବାଦ ହଟିବା ପରେ ପାକିସ୍ତାନ ମୁଖ୍ୟତଃ ଚୀନ, ସାଉଦି ଆରବ, ତୁର୍କୀ ଭଳି ରାଷ୍ଟ୍ରଙ୍କଠାରୁ ଯସାମାନ୍ୟ ସହାୟତା ପାଉଛି । ସେଥିରେ ଛଅଲକ୍ଷବିଶିଷ୍ଟ ସେନାର ପରିଚାଳନା ବେଶ୍ କଷ୍ଟସାଧ୍ୟ । ପାକିସ୍ତାନର ଆର୍ଥିକ ସ୍ଥିତି ଏତେ ବିପର୍ଯ୍ୟନ୍ତ ଯେ ସେଥିରୁ ଉଦ୍ଧାର ପାଇବାର ଉପାୟ ଦୃଶ୍ୟ ହୁଏନାହିଁ । ଆଇଏମଏଫ ଏବଂ ବିଶ୍ୱ ବ୍ୟାଙ୍କ ଭଳି ସଂସ୍ଥାରୁ ଋଣ ନେଇ ପରିଶୋଧ କରିବା ସ୍ଥିତିରେ ସେ ଦେଶ ନାହିଁ । ରାଜନୈତିକ ଅସ୍ଥିରତା ଓ ସେନା ହସ୍ତକ୍ଷେପ ସେଠାରେ ଏକପ୍ରକାର ଅରାଜକତା ସୃଷ୍ଟି କରିଛି । ଶେହବାଜ ସରିଫ ସରକାର ଏକ ମିଳିତ ସରକାର ଏବଂ ତାହା ଯେକୌଣସି ମୁହୂର୍ତ୍ତରେ ଭୁଶୁଡ଼ିପାରେ। ଇମ୍ରାନ ଖାନ ପ୍ରଧାନମନ୍ତ୍ରୀ ପଦରୁ ହଟିବା ପରେ ମିଳାମିଶା ହୋଇ ପୁଣି ଥରେ ସେ କ୍ଷମତାକୁ ଆସିପାରନ୍ତି । ଏବେ ସେ ବଞ୍ଚାଇ ରଖୁବା ଲୋଭରେ ଶେହବାଜ ସରିଫ ବଡ଼ଭାଇ ନଜଙ୍କ ସହ କରିଛନ୍ତି। କିନ୍ତୁ ଅର୍ଥ ବିନା ସବୁକିଛି ବ୍ୟବସ୍ଥା ଅଚଳ। ପାକ୍ ଅର୍ଥନୀତିର ସୁନିଶ୍ଚିତ । ବୈଦେଶିକ ସହାୟତା ଓ ଋଣ, ବ୍ୟବସାୟ ବୃଦ୍ଧି, କୃଷି ଉତ୍ପାଦନ ବୃଦ୍ଧି ହିଁ ଦେଶବାସୀଙ୍କୁ ଶାନ୍ତ କରାଇବ। ଦେଶର କତିପୟ ରାଜନୈତିକ ପରିବାର ଓ ଉଚ୍ଚ ସେନା ଅଧିକାରୀମାନେ ରାବିଡ଼ି ଖାଇ ଦୀର୍ଘବର୍ଷ ଧରି ସେମାନଙ୍କୁ ଦାରିଦ୍ର୍ୟ ଭିତରେ ରଖୁଛନ୍ତି ବୋଲି ପାକିସ୍ତାନବାସୀଙ୍କ ହୃଦ୍‌ବୋଧ ହୋଇସାରିଛି । ତେଣୁ କେନେରାଲ ମୁନୀର ଏହି ଧାରଣାକୁ ଦୂର କରିବାରେ କେତେଦୂର ସକ୍ଷମ ହେବେ ଓ ପାକିସ୍ତାନ ରାଜନୀତିଠାରୁ ନିଜକୁ କେତେଦୂର ଦୂରେଇ ରଖୁବେ ତାହା ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ।

# ସାମ୍ବିଧାନିକ ପଥପ୍ରଦର୍ଶକ : ଆମ ଭାରତୀୟ ସମ୍ବିଧାନ !



**ପ୍ରଦୋଷ କୁମାର ଦାସ**

ଆଜି ଆମର ସ୍ୱାଧୀନ ଭାରତର ସମ୍ବିଧାନ ଦିବସ ପାଳନର ମହାର୍ଘ ଦିବସ।୧୯୪୯ ମସିହା ଆଜିର ଏହି ନଭେମ୍ବର ମାସ ୨୬ ତାରିଖରେ ଆମର ମହାନ ଗଣତାନ୍ତ୍ରିକ ରାଷ୍ଟ୍ର ନିର୍ମାଣର ସୁରକ୍ଷା କବଚ ରୂପେ ତାର ସୁବିସ୍ତୃତ ତଥା ଲିଖିତ ସମ୍ବିଧାନ ପ୍ରସ୍ତୁତ ହେବା ସହ ଏହାର ସାମ୍ବିଧାନିକ ଗୃହିତ ହୋଇଥିଲା।

ସାଧାରଣତଃ ସମ୍ବିଧାନ ଦେଶର ସର୍ବୋଚ୍ଚ ନୀତି ନିର୍ଦ୍ଧାରକର ଭୂମିକା ନିର୍ବାହ କରିଥାଏ। ଶାନ୍ତି, ପ୍ରୀତି, ସଂହତି ତଥା ସୌହାର୍ଦ୍ଦ୍ୟରେ ବିଶ୍ୱାସ ରଖୁଥିବା ଆମ ଭାରତ ଦେଶର ଜାତିଧର୍ମବର୍ଣ୍ଣ ତଥା ବିଭିନ୍ନ ରାଜନୈତିକ ବିଚାରଧାରା ଠାରୁ ଉର୍ଦ୍ଧ୍ୱ ସମସ୍ତ ଭାରତୀୟଙ୍କ ପାଇଁ ଆମ ଦେଶର ସମ୍ବିଧାନ ବେଶ ଗୁରୁତ୍ୱପୂର୍ଣ୍ଣ। ଏହାର ମହତ୍ୱ ବୁଝିବା ପାଇଁ ଏହି ଦିବସ ପାଳନ ବିଶେଷ ମହତ୍ତ୍ୱ ରଖେ। ଆମର ମହାନ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ସ୍ୱତନ୍ତ୍ରତା ରହିଛି। ମହା ଭାରତୀୟ ଭାବନାରେ ଉଦ୍‌ବୁଦ୍ଧ ହୋଇ ଏହାର ସାର୍ବଭୌମତ୍ୱ କୁ ସମ୍ମାନ ପ୍ରଦାନ କରିବା ଜରୁରୀ। ଭାରତୀୟ ସମ୍ବିଧାନର ତାତ୍ପର୍ଯ୍ୟ ବୁଝିବାରେ ଆମେ କାଶ୍ମୀର ଠାରୁ କନ୍ୟାକୁମାରୀ ଯାଏଁ ଗୋଟିଏ ସୂତାରେ ଏକ ଏକ ମୋତି ସମାନ ବନ୍ଧା ସବୁ ରାଜ୍ୟର ମଣ୍ଡଳମଣି ସ୍ୱାଧୀନ ଭାରତବର୍ଷର ଏକତା ବଜାୟ ରଖିବା ଜରୁରୀ। ଗଣତନ୍ତ୍ର ତଥା ସର୍ବ ଧର୍ମ ସମନ୍ୱୟର ପୀଠ ଭାରତର ସମ୍ବିଧାନ ସମଗ୍ର ଭାରତବାସୀଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଆମ ଦେଶର ସମ୍ବିଧାନ ପ୍ରଣୟନ ସଭାର ଅଧ୍ୟକ୍ଷ ଡଃ ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରସ୍ତୁତକାରୀ କମିଟିର ସମସ୍ତ ସଭ୍ୟ ବୁଦ୍ଧିଜୀବୀଙ୍କ ମହାନୁଭବତାକୁ ଆମେ ଭାରତୀୟ ନିଶ୍ଚୟ ସମ୍ମାନ ଦେବାର ଆବଶ୍ୟକତା ରହିଛି। ଦେଶର ଏକତା, ସୁରକ୍ଷା,ଯଶସମ୍ମାନ ଯେହେତୁ ଏଥିରେ ନିହିତ ରହିଛି, ସମ୍ବିଧାନ ନିର୍ମାତାଙ୍କର ମହାନ ଚିନ୍ତାଧାରା ଆମର ଏହି ଦିବସ ପାଳନ ଅବସରରେ ଆମ ଦେଶର ତଥା ବିଶ୍ୱର ଏହି ସର୍ବବୃହତ ଲିଖିତ ସମ୍ବିଧାନର ମୁଖବନ୍ଧ ତଥା ପ୍ରସ୍ତାବନାକୁ ଆମେ ଭାରତବାସୀ ଆଜିର ଦିନରେ ପରମ ଶ୍ରଦ୍ଧା ଓ ସମ୍ମାନର ସହ ମର୍ମେ ମର୍ମେ ପ୍ରଣିଧାନ କରିବା ନିହାତି ଜରୁରୀ। ଯଥା- 'ଆମେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର, ରୂପେ ଗଠନ କରିବା ପାଇଁ ଦୃଢ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ -- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ; -ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା; -- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା; -- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭାତୃଭାବ ଉତ୍ସାହିତ କରିବାକୁ ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ।

ଆମ ଦେଶର ସମ୍ବିଧାନ ଏମଧ୍ୟରେ ଶତାଧିକ ଥର ସଂଶୋଧନର ସମ୍ମୁଖୀନ ହେଲାଣି। ଏହାର ପ୍ରତିଟି ଧାରା, ଉପଧାରା, ଅନୁଚ୍ଛେଦ ଆମ ଦେଶର ବିଧିବ୍ୟବସ୍ଥା ସହ ଜଡିତ । ଦୀର୍ଘ ୨ ଶହ ବର୍ଷର ବ୍ରିଟିଶ ପରାଧୀନତାରୁ ଆମ ଭାରତବର୍ଷକୁ ମକୁଳାଇବାରେ ଆମର ଦେଶର ପ୍ରତି କୋଣଅନୁକୋଣରେ ସଂଗ୍ରାମରତ ବୀର ସହୀଦ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରାଣବଳୀ ଆମ ଦେଶର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତର ସ୍ୱାଧୀନତା ଏହାକୁ ଏକ ଗଣତାନ୍ତ୍ରିକ ତଥା ପ୍ରଜାମଂଗଳ ରାଷ୍ଟ୍ରରେ ପରିଣତ କରିଥିଲା। ଦେଶର ଶାସନ ଗଣ ପ୍ରତିନିଧିଙ୍କ ହାତରେ ରହିଲା। ୧୯୪୬ କ୍ୟାବିନେଟ ମିଶନର ସୁପାରିଶ ଅନୁସାରେ ଭାରତରେ ଲୋକ ପ୍ରତିନିଧିମାନଙ୍କୁ ନେଇ ଏକ ସମ୍ବିଧାନ ପ୍ରଣୟନ ସଭା ଗଠନ ହୋଇଥିଲା। ଡଃ ଭୀମରାଓ ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ସମ୍ବିଧାନ ସଭା ଭାରତର ଏକ ଲିଖିତ ସମ୍ବିଧାନ ପ୍ରସ୍ତୁତ କରିବା ପରେ ଗତ ୧୯୪୯ ନଭେମ୍ବର ୨୬ ତାରିଖରେ ଏହା ଗୃହିତ ହୋଇଥିଲା। ଦେଶର ଆଇନର ସାମ୍ବିଧାନିକ ଦିଗଦ୍ରଷ୍ଟା ଆମ ସମ୍ବିଧାନ ୧୯୫୦ ମସିହାରେ କାର୍ଯ୍ୟକାରୀ ହୋଇଥିଲା। ଏହା ଦେଶର ସର୍ବୋଚ୍ଚ ଆଇନ। ଦେଶର ସରକାର ଓ ପ୍ରତିଟି ନାଗରିକ ଏହାକୁ ସମ୍ମାନ ଦେବା ବାଞ୍ଛନୀୟ। ଏହା ସରକାରଙ୍କ କାର୍ଯ୍ୟ ସଂପର୍କରେ ସୂଚନା ଦେବା ସହ ସରକାରଙ୍କ କ୍ଷମତା ନିୟନ୍ତ୍ରଣ କରିଥାଏ।ଜନସାଧାରଣଙ୍କୁ ସୁନାଗରିକ କରିବାରେ ସୁଯୋଗ ପ୍ରଦାନ କରିଥାଏ।ବର୍ତ୍ତମାନ ଓ ଆମ ଉତ୍ତରପୀଢି ତଥା ଦେଶର ଭବିଷ୍ୟତ ବଂଶଧରଙ୍କ ବିଭିନ୍ନ କାର୍ଯ୍ୟକଳାପକୁ ଶୃଙ୍ଖଳିତ କରିବାରେ ସମ୍ବିଧାନର ବିଶେଷ ଯୋଗଦାନ ରହିଛି।କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସଂଘୀୟ ବ୍ୟବସ୍ଥାକୁ ଆଇନ ମାର୍ଗରେ ଯଥା ବିଧିବ୍ୟବସ୍ଥା ସହ କ୍ଷମତା ବଣ୍ଟନ ପାଇଁ ଏହା ସାମ୍ବିଧାନିକ ଉପାୟରେ କରାଇବାକୁ ଦିଗଦର୍ଶନ ଦେଇଥାଏ। ଭାରତର ସମ୍ବିଧାନକୁ ଆଇନଜୀବୀଙ୍କର ଭୂସ୍ୱର୍ଗ ବୋଲି କୁହାଯାଇଥାଏ। ଏଣୁ ସମ୍ବିଧାନ ଗଣତନ୍ତ୍ରର ମୂଳଭିତ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଆମେ ସମସ୍ତେ ଭାରତୀୟ ଆମ ଦେଶର ଏକତା ଶାନ୍ତିଶୃଙ୍ଖଳା ବଜାୟ ରଖି ଆମଦେଶର ଗଣତନ୍ତ୍ରର ସୁରକ୍ଷା ଦୃଷ୍ଟିରୁ ଆସନ୍ତୁ ଆମ ଦେଶର ସମ୍ବିଧାନକୁ ସମ୍ମାନ ପ୍ରଦାନ କରାବା। ଆମ ଦେଶ ବିଶ୍ୱ ପାଇଁ ପ୍ରେରଣାଦାୟକ ହୋଇ ବିଶ୍ୱ ସୁରକ୍ଷାରେ ମଧ୍ୟ ପଥ ପ୍ରଦର୍ଶକ ହେଉ, ଏତିକି କାମନା କରୁଛି।


ସା/ପୋ:- ନାଚୁଣୀ,
ଜିଲ୍ଲା:-ଖୋରଧା-୭୫୨୦୩୪
ମୋ: ୬୩୭୦୪୯୫୯୪୪


# କାଶ୍ମୀରର ମିଶ୍ରଣ ପ୍ରସଙ୍ଗରେ ନେହେରୁ ଦାୟୀ କି ?



**ଗୋପାଳ ମହାପାତ୍ର**

କେନ୍ଦ୍ର ଆଇନ୍ ମନ୍ତ୍ରୀ ରିଜିଜୁ ଅଭିଯୋଗ କରିଛନ୍ତି ଯେ ଭାରତରେ କାଶ୍ମୀରର ମିଶ୍ରଣରେ ବିଳମ୍ବ ପାଇଁ ପଣ୍ଡିତ ଜବାହାରଲାଲ ନେହେରୁ ହିଁ ଦାୟୀ । ମନ୍ତ୍ରୀ ରିଜିଜୁଙ୍କ ଅଭିଯୋଗ ହେଉଛି ୧୯୪୭ ମସିହାରେ କାଶ୍ମୀରର ତତ୍କାଳୀନ ରାଜା ହରି ସିଂହ ମିଶ୍ରଣ ପାଇଁ ସଙ୍କେତ ଦେଇଥିଲେ । ସେତେବେଳେ ଭାରତ ସ୍ୱାଧୀନ ହେବାକୁ ଆଉ ମାତ୍ର ମାସଟିଏ ଥିଲା । ହେଲେ ରାଜା ହରି ସିଂହଙ୍କ ସଙ୍କେତକୁ ଅଣଦେଖା କରାଯାଇଥିଲା । ପ୍ରକୃତରେ କ'ଣ କାଶ୍ମୀରର ଭାରତରେ ମିଶ୍ରଣ କଥାକୁ ପଣ୍ଡିତ ନେହେରୁ ବିଳମ୍ବିତ କରିଥିଲେ । ନେହେରୁ କ'ଣ ରାଜା ହରିସିଂହଙ୍କ ସୂଚନାକୁ ଅଣଦେଖା କରିଥିଲେ ? ଏମିତି ଅନେକ ପ୍ରଶ୍ନ ମନ୍ତ୍ରୀ ରିଜିଜୁଙ୍କ ଅଭିଯୋଗ ପରେ ସାଧାରଣ ଲୋକଙ୍କ ମନରେ ଉଙ୍କିମାରିବା ସ୍ୱାଭାବିକ । ଭାରତର ଶେଷ ଇଂରେଜ୍ ଭାଇସରାୟ ଲର୍ଡ ମାଉଂଟ୍ ବାଟେନ୍ ଏବଂ ଭି.ପି. ମେନନଙ୍କ ଲିଖିତ ପୁସ୍ତକରେ କାଶ୍ମୀରର ମିଶ୍ରଣ ସମ୍ପର୍କରେ ଅନେକ ତଥ୍ୟ ରହିଛି ଯାହା ଆଲୋଚନା ପ୍ରସଙ୍ଗକୁ ଅଣାଯିବା ଆବଶ୍ୟକ ।

ଲର୍ଡ ମାଉଂଟ୍ ବେଟନ୍‌ଙ୍କ ଲିଖିତ ପୁସ୍ତକର ତଥ୍ୟକୁ ଗୁପ୍ତ ରିପୋର୍ଟ ହିସାବରେ ତତ୍କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଅଟଲିଙ୍କ ପାଖକୁ ପଠାଯାଇଥିଲା । ୧୯୪୯ରେ ଲର୍ଡ ମାଉଂଟ୍ ବଟନ ତାଙ୍କ ଲିଖିତ ପୁସ୍ତକକୁ ବ୍ରିଟେନ୍‌ର କିଛି ଉଚ୍ଚସ୍ତରୀୟ ଲୋକଙ୍କୁ ମଧ୍ୟ ବାଂଟିଥିଲେ । ପୁସ୍ତକର ଏକ ପ୍ରତିଲିପି ମଧ୍ୟ ଇଂଲଣ୍ଡର ସମ୍ରାଟ ଜର୍ଜ ସପ୍ତମଙ୍କୁ ଦିଆଯାଇଥିଲା ବୋଲି କୁହାଯାଏ । କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ପୂର୍ବତନ ଲାଇବ୍ରେରିଆନ୍ ଲାୟୋନେଲ୍ କାର୍ଟରଙ୍କ ଦ୍ୱାରା ସମ୍ପାଦନା କରାଯାଇଥିବା ଲର୍ଡ ମାଉଂଟ୍ ବେଟନଙ୍କ ପୁସ୍ତକକୁ ୨୦୦୨ରେ ସାର୍ବଜନୀନ କରାଯାଇଥିଲା । ତଥ୍ୟ ଅନୁସାରେ ୧୯୧୭ ମସିହାଠାରୁ ଭି.ପି. ମେନନ୍ ଦେଶର ସାମ୍ବିଧାନିକ ମାମଲା ସହ ଜଡ଼ିତ ଥିଲେ । ୧୯୪୨ ମସିହାରେ ସେ ଭାଇସ୍‌ରାୟଙ୍କର ଆଇନ୍ ପରାମର୍ଶଦାତା ଭାବେ ନିଯୁକ୍ତି ପାଇଥିଲା । ୧୯୪୭ରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ମେନନଙ୍କୁ ୫୬୨ ରାଜ୍ୟର ମିଶ୍ରଣ କାର୍ଯ୍ୟ ପାଇଁ ସଚିବ ଭାବେ ନିଯୁକ୍ତି ଦେଇଥିଲେ । ଭି.ପି. ମେନନ୍ "ଭାରତୀୟ ରାଜୱାଡ଼ୋଁ କି ବିଲୟଗାଥା ଓ "ଭାରତ ମେଁ ସତ୍ତା ହସ୍ତାନ୍ତରଣ" ନାମକୁ ଦୁଇଟି ପୁସ୍ତକ ରଚନା କରିଛନ୍ତି । ମାଉଂଟ୍ ବେଟନ୍‌ଙ୍କ କାହାଣୀ ୨୯ ଡିସେମ୍ବର ୧୯୪୬ ରୁ ଆରମ୍ଭ ହୋଇଥିଲା ଯେତେବେଳେ ତାଙ୍କୁ ବ୍ରିଟିଶ୍ ସରକାର ଭାରତର ଭାଇସରାୟ ଭାବେ ନିଯୁକ୍ତି ଦେଲେ । ସେ ୧୯୪୭ ମସିହା ମାର୍ଚ୍ଚ ୨୨ ତାରିଖରେ ଭାରତରେ ପହଂଚିଥିଲେ । ମାଉଂଟ୍ ବେଟନ୍‌ଙ୍କୁ ପ୍ରଥମ ଭାରତୀୟ ନେତା ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଚ୍ଚ ୨୪ ତାରିଖ ଦିନ ଭେଟିଥିଲେ । ନେହେରୁ ସେତେବେଳେ ମାଉଂଟ୍ ବେଟନ୍‌ଙ୍କ ନେତୃତ୍ୱରେ ଚାଲିଥିବା ମଧ୍ୟବର୍ତ୍ତୀକାଳୀନ ସରକାରରେ ଉପମୁଖ୍ୟ ଥିଲେ । ୨୫ ମାର୍ଚ୍ଚରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ମାଉଂଟ୍ ବେଟନ୍‌ଙ୍କୁ ଭେଟିଥିଲେ । ସେତେବେଳେ ପଟେଲ୍ ଗୃହ ବିଭାଗ କମିଟିର ସଦସ୍ୟ ଥିଲେ । ମାର୍ଚ୍ଚ ୩୧ରେ ମାଉଂଟ ବେଟନ୍ ମହାତ୍ମା ଗାନ୍ଧୀଙ୍କୁ ଭେଟିଥିଲେ ଏବଂ ଏପ୍ରିଲ୍ ୩ ତାରିଖ ପର୍ଯ୍ୟନ୍ତ କ୍ରମାଗତ ଭାବେ ଗାନ୍ଧୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏପ୍ରିଲ୍ ୪ ତାରିଖରେ ମାଉଂଟ୍ ବେଟନ୍ ଏବଂ ଜିନ୍ନାଙ୍କ ଭେଟ ହୋଇଥିଲା । ୧୯ ଅପ୍ରେଲରୁ ରାଜ୍ୟ ବା ଗଡ଼ଜାତ ମିଶ୍ରଣ କଥା ଆରମ୍ଭ ହେଲା । ମାଉଂଟ୍ ବେଟନ୍ ଲେଖିଛନ୍ତି ଗୋଆଲିୟରଠାରେ ଏକ ସମାବେଶରେ ନେହେରୁ ରାଜା, ମହାରାଜାମାନଙ୍କୁ ଚେତାବନୀ ଦେଇ କହିଥିଲେ ଯେ ସେମାନେ ଭାରତୀୟ ସମ୍ବିଧାନ ସଭାର ସଦସ୍ୟତା ଗ୍ରହଣ କରନ୍ତୁ, ନ ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରୁହନ୍ତୁ । ନେହେରୁଙ୍କ ଏଭଳି ଭାଷଣ ପାଇଁ ଅସନ୍ତୋଷ ପ୍ରକାଶ କରିଥିଲେ ଲର୍ଡ ମାଉଂଟ ବେଟନ୍ । ଜୁନ୍ ମାସରେ ଗଡ଼ଜାତ ଗୁଡ଼ିକର ରାଜା (ଶାସକ) ମାନଙ୍କ ସହ ଉତ୍ତମ ସମ୍ପର୍କ ଓ ବୁଝାବଣା ପାଇଁ ଏକ ନୂଆ ବିଭାଗ ଗଠନ କରାଯାଇଥିଲା । ମାଉଂଟ ବେଟନ୍ ଲେଖିଛନ୍ତି ଯେ ନେହେରୁ ଏହି ନୂଆ ବିଭାଗର ମୁଖ୍ୟ ହେବାପାଇଁ ଜିଦ୍ କରିପାରନ୍ତି ବୋଲି ସେ ଭାବୁଥିଲେ ହେଲେ ପଟେଲ୍‌ଙ୍କୁ ଏହି ବିଭାଗର ମୁଖ୍ୟ ନିଯୁକ୍ତ କରାଗଲା । ଭି.ପି. ମେନନ୍‌ଙ୍କୁ ନୂଆ ବିଭାଗର ସଚିବ ନିଯୁକ୍ତ କରାଗଲା । ଗାନ୍ଧୀ ଏବଂ ନେହେରୁ ଜୁନ୍ ମାସରେ କାଶ୍ମୀର ଯିବାପାଇଁ ଲର୍ଡ ମାଉଂଟ୍ ବେଟେନ୍‌ଙ୍କ ଠାରୁ ଅନୁମି ମାଗିଥିଲେ । କିନ୍ତୁ ଅନୁମତି ମିଳିନଥିଲା । ମାଉଂଟ୍ ବେଟନ୍ ଜୁନ୍ ମାସ ମଧ୍ୟଭାଗରେ କାଶ୍ମୀର ଯାଇଥିଲେ ଓ ରାଜା ହରି ସିଂହ ଓ ତାଙ୍କ ମନ୍ତ୍ରୀଙ୍କୁ ଭେଟିଥିଲେ। ମାଉଂଟ୍ ବେଟନ୍ ରାଜାଙ୍କୁ ପରାମର୍ଶ ଦେଇଥିଲେ ଯେ ପ୍ରଜାମାନଙ୍କର ମତାମତ ଅନୁସାରେ ରାଜ୍ୟର ମିଶ୍ରଣ ସମ୍ପର୍କରେ ତୁରନ୍ତ ନିଷ୍ପତ୍ତି ନିଅନ୍ତୁ । ଏପରିକି ଯଦି ହରି ସିଂହ ପାକିସ୍ଥାନ ସହ ମିଶିବାକୁ ଚାହାଁନ୍ତି ତେବେ ଭାରତ ସରକାର ବିରୋଧ କରିବେ ନାହିଁ ବୋଲି ହରିସିଂହଙ୍କୁ ମାଉଂଟ୍ ବେଟନ୍ ଭରଷା ଦେଇଥିଲେ । କିନ୍ତୁ ମହାରାଜା ହରି ସିଂହ ଅସୁସ୍ଥ ଥିବାର ଆଳ ଦେଖାଇ କଥାକୁ ଏଡ଼ାଇ ଦେଇଥିଲେ । ଜୁଲାଇ ମାସରେ ମହାରାଜା ହରି ସିଂହ ଲର୍ଡ ମାଉଂଟ୍ ବେଟନଙ୍କୁ ପତ୍ର ଲେଖି ୧୫ ଅଗଷ୍ଟ ପୂର୍ବରୁ କୌଣସି ନେତାଙ୍କୁ କାଶ୍ମୀର ଆସିବା ପାଇଁ ଅନୁମତି ନ ଦେବାକୁ ଅନୁରୋଧ କରିଥିଲେ । ରାଜା ହରି ସିଂହ ଏବଂ ତାଙ୍କ ମନ୍ତ୍ରୀ କାକ୍ ଉଭୟେ ନେହେରୁଙ୍କୁ ନାପସନ୍ଦ କରୁଥିଲେ ବୋଲି ମାଉଂଟ୍ ବେଟନ୍ ତାଙ୍କ ପୁସ୍ତକରେ ଉଲ୍ଲେଖ କରିଛନ୍ତି । ୧୯୪୭ ମସିହା ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଘଟଣା ସମ୍ପର୍କରେ ମାଉଂଟ୍ ବେଟନ୍ ଲେଖିଛନ୍ତି ।

ଭି.ପି. ମେନନ୍‌ଙ୍କ ପୁସ୍ତକରେ ଉଲ୍ଲେଖ ତଥ୍ୟ ମଧ୍ୟ ଏଇ ଏକା କଥା କହୁଛି । ମେନନ୍ ଲେଖିଛନ୍ତି ଯେ ମହାରାଜା ହରିସିଂହ ଏବଂ ତାଙ୍କ ମନ୍ତ୍ରୀ ବାକ୍ ହିଁ ମିଶ୍ରଣ ପ୍ରସଙ୍ଗରେ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ । ମାଉଂଟ୍ ବେଟନ୍ ଏବଂ ରାଜା ହରିସିଂହଙ୍କ ଆଲୋଚନା ପରେ କାକ୍‌ଙ୍କ ସ୍ଥାନରେ ମେଜର ଜେନେରାଲ୍ ଜନକ ସିଂହଙ୍କୁ କାଶ୍ମୀରର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କରାଗଲା । ୧୯୪୭ ମସିହା ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନ ହେଲା । କିନ୍ତୁ ଅକ୍ଟୋବର ୨୨ତାରିଖରେ ପାକିସ୍ଥାନ 'ଯଥାସ୍ଥିତି ସନ୍ଧି'କୁ ଉଲ୍ଲଙ୍ଘନ କରି କାଶ୍ମୀର ଉପରେ ଆକ୍ରମଣ କରିଥିଲା । ସେତେବେଳେ ମେହେରଚନ୍ଦ ମହାଜନଙ୍କୁ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଦେଲେ ରାଜା ହରିସିଂହ । ଅକ୍ଟୋବର ୨୪ ତାରିଖରେ ମହାରାଜା ହରସିଂହ ଏକ ପତ୍ର ଲେଖି ଘଟଣା ସମ୍ପର୍କରେ ଜଣାଇବା ପରେ ମାଉଂଟ୍ ବେଟନଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ମେନନଙ୍କୁ କାଶ୍ମୀର ଯାଇ ସ୍ଥିତ ଅନୁଧ୍ୟାନ କରିବା ପାଇଁ କୁହାଗଲା । ମେନନ୍ କାଶ୍ମୀରରେ ପହଂଚି ରାଜା ହରିସିଂହଙ୍କୁ ତୁରନ୍ତ ସପରିବାର ଶ୍ରୀନଗରରୁ ଚାଲିଯିବା ପାଇଁ ପରାମର୍ଶ ଦେଇଥିଲେ କାରଣ ପାକ୍ ଅନୁପ୍ରବେଶକାରୀ ମାନେ (ଛଦ୍ମବେଶୀ ପାକ୍‌ସେନା) ସେତେବେଳକୁ ବାଳମୁକୁଳାରେ ପହଂଚି ସାରିଥିଲେ ।

ମେନନ୍ ତାଙ୍କ ରିପୋର୍ଟ ଅକ୍ଟୋବର ୨୬ରେ ପ୍ରତିରକ୍ଷା କମିଟିଙ୍କୁ ଦେଇଥିଲେ । ସେତେବେଳେ ମାଉଂଟ୍ ବେଟେନ୍ କାଶ୍ମୀରକୁ ସେନା ପଠାଇବା ପୂର୍ବରୁ ମିଶ୍ରଣ ପତ୍ର କଥା କହିଥିଲେ । ମେନନ୍ ବିମାନ ଯୋଗେ ମିଶ୍ରଣ ପତ୍ର ପାଇଁ ଜାମ୍ମୁରେ ପହଂଚିଥିଲେ । ମେନନ୍ ମିଶ୍ରଣ ପତ୍ର ନେଇ ଦିଲ୍ଲୀ ଫେରିବା ବେଳକୁ ଦିଲ୍ଲୀ ବିମାନ ବନ୍ଦରରେ ଅପେକ୍ଷା କରିଥିଲେ । ସର୍ଦ୍ଦାର ପଟେଲ୍‌ଙ୍କ ନିର୍ଦ୍ଦେଶ ପରେ ଭାରତୀୟ ସେନାଙ୍କୁ କାଶ୍ମୀର ପଠାଯାଇଥିଲା । ମେନନ୍ ୧୯୪୮ ଜାନୁଆରୀ ୧ ତାରିଖରେ ମାଉଂଟ୍ ବେଟନ୍‌ଙ୍କ ପରାମର୍ଶକ୍ରମେ କାଶ୍ମୀର ବିବାଦକୁ ଜାତିସଂଘରେ ଉପସ୍ଥାପନ କରିଥିଲେ। ଭି.ପି. ମେନନ୍ ବା ମାଉଂଟ୍ ବେଟନ୍ କେବେ ଲେଖିନାହାଁନ୍ତି ଯେ ମହାରାଜା ହରିସିଂହ ଜୁଲାଇ ମାସରେ ନେହେରୁଙ୍କ ସହ ମିଶ୍ରଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । କାଶ୍ମୀର ପ୍ରସଙ୍ଗରେ ନେହେରୁ ନୁହଁନ୍ତି ବରଂ ମାଉଂଟ୍ ବେଟନ୍ ପଟେଲ୍ ଦୁହେଁ ନିଷ୍ପତ୍ତି ନେଇଥିଲେ । ଏସବୁ ତଥ୍ୟରୁ ସ୍ପଷ୍ଟ ଯେ କାଶ୍ମୀର ପ୍ରସଙ୍ଗରେ ନେହେରୁଙ୍କୁ ଦାୟୀ କରିବା ଉଚିତ୍ ନୁହେଁ ।


ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪





## ମୃତ୍ୟୁ

**ଜଗମୋହନ ପ୍ରଧାନ**

କାଗଜ କଲମ ଧରି
ବସିଗଲେ କବିଗଣ ଲେଖିବେ କବିତା
ଶୀର୍ଷକ ଦିଆଗଲା 'ମୃତ୍ୟୁ'
ମୃତ୍ୟୁ ନାଁ ଶୁଣି କବି ଡରିଗଲେ
କାଗଜ କଲମ ବି ଥରିବାକୁ
ଲାଗିଲେ।

କିଛି କବି କହିଲେ ଆମେ ଲେଖିବୁ
ମୃତ୍ୟୁ ପରର ସେ ନିଶ୍ଚଳ ଶରୀରକୁ
ଆଉ ସେ ଅଫେରା ଗାଡ଼ିକୁ
ଯେଉଁ ଗାଡ଼ି ଥରେ ଗଡ଼ିଗଲେ ଆଉ
ନ ଫେରଇ
ଶେଷ ଠିକଣା ତାର ମଶାଣି ଭୁଇଁ।

ଆଉ କିଛି କବି କହିଲେ
ଆମେ ଲେଖିବୁ ସେ ମଶାଣି ଭୁଇଁ
ସେ ଜଳନ୍ତା ଶବର ଜଳନ୍ତା ଜୁଇ
ଆଉ ମଶାଣି ମାଟିର ମହକକୁ
ସେ ମୁଠାଏ ପାଉଁଶକୁ

କବିଙ୍କ କଥା ଶୁଣି
କାଗଜ କଲମ ଥରି ଉଠୁଥିଲେ।

କବି ହଜିଗଲେ ଭାବନାରେ
ଭାବନା ବୁକୁରୁ ଶବ୍ଦ ତୋଳି ଆଣିଲେ
ଛାପିବା ପାଇଁ କାଗଜରେ
କ୍ଷତ ବିକ୍ଷତ ଶବ୍ଦ ଥିଲେ
ଯନ୍ତ୍ରଣା ନିଆଁରେ
ବେଦନାର କୋହରେ ଜଳୁଥିଲେ
ସେ ଶବ୍ଦଙ୍କୁ ଦେଖି କଲମ କାନ୍ଦୁଥିଲା
ଟୋପ ଟୋପେ ଲୁହ ଧାରେ
ଶବ୍ଦ ମାନଙ୍କୁ ଆଙ୍କି ଚାଲିଥିଲା କଲମ।

କାଗଜ ବି ଶବ୍ଦ ମାନଙ୍କୁ ସାଥେ ଧରି
କଲମର ଲୁହରେ ଭିଜୁଥାଏ
କବିଙ୍କ ଭାବନାର ସେ ଯନ୍ତ୍ରଣା
ନିଜେ ଅନୁଭବ କରୁଥାଏ
କବିଙ୍କ ଭାବନା ସରିନାହିଁ
ସରିନାହିଁ ଲେଖା ଆଜିବି ଚାଲିଛି
'ମୃତ୍ୟୁର ଅସରନ୍ତି ବାଖ୍ୟା'
ଆଜି ବି କବି ଭାବି ଚାଲିଛି
କଲମ ମୁନରେ ଲେଖି ଚାଲିଛି
ମୃତ୍ୟୁ, ମଶାଣି, କୋକେଇ
ଜଳନ୍ତା ଜୁଇକୁ।


ବଡ଼ଚଣା, ଯାଜପୁର
ମୋ- ୯୦୯୦୯୪୬୯୦୬


## ଚୁଲବୁଲି ମନ

**ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ**


ଚୁଲବୁଲି ଏଇ ମନ ବଗିଚାରେ
ତୁମେ ବୁଣିଥିଲ ଦିନେ
ପ୍ରେମର ଅସରନ୍ତି ମଞ୍ଜି
ତୁମ ପ୍ରେମର ଛିଟାରେ
ସେ ଅଲିଭା ସ୍ପର୍ଶରେ
ଶିହରି ଯାଇଥିଲା
ଏ ଗୁମସୁମ ମନ !

ସବୁ ମୁହୂର୍ତ୍ତରେ ସାଥିରେ ରହି
ସାଜୁଥିଲ ପ୍ରେରଣା
ଦେଉଥିଲ ମୋତେ ପ୍ରେମଭରା
ପୁଳାଏ ଆଶ୍ୱାସନା,
ମୋ ସବୁ ଅଭିମାନ-ଅଝଟକୁ
କେମିତି ମଥା ପାତି ସହିଯାଅ !

ମୋର ଚିଡିଚିଡ଼ାପଣକୁ
ହସରେ ବଦଳାଇ
ଅମାବାସ୍ୟାରେ ତୁମେ
ଦେଖେଇପାର ଜହ୍ନ,
ଭିଡ଼ ଭିତରେ ବି ହାତଧରି
ଦେଇପାର ସାହସ
ପାଲଟି ଯାଅ ସଂଜୀବନୀ,
ମୋ ନୀରବତାରୁ ବୁଝିପାର
ମୋ ଓଠ ତଳର ଭାଷା,
ମୋ ସ୍ୱର ଶୁଣି କହିଦେଇପାର
ମୋ ଉଷୁମ ଲୁହର କଥା..!

କେମିତି ଜାଣ ଓ କୁହ
ମୋତେ ବି ଲାଗେ ଅଜବ
ଅନୁଭବ ହୁଏ ତୁମେ କ'ଣ ?
ସତରେ ଜିଅନ୍ତା ଦେବତା !
ତେବେ କୁହ, ମୁଁ ତୁମକୁ
ପ୍ରେମ କରିବି ନାଁ ପୂଜା ?


ଯାଜପୁର

## ଅତୀତ

**ପ୍ରଲିପ୍ତା ଶତପଥୀ**

ଅତୀତ ସେ ମୋର ଏତେ ଯେ ଗୁମର
ନାହିଁ ତାର କିଛି ଗତି,
ଦିନକୁ ଦିନ ସେ ବଢ଼ି ଚାଲିଥାଏ
କେବେ ହୁଏନି ତା ଇତି।

କଷ୍ଟ ଖାଲି ଦିଏ ବହୁତ ଯେ ସିଏ
ନ ମାନି ଝଡ ଜଞ୍ଜାଳ,
ଦିନ ରାତି ଖାଲି କନ୍ଦାଇ କନ୍ଦାଇ
କରେ ମୋତେ ସେ କାଙ୍ଗାଳ।

ଭୁଲାଇ ହୁଏନା କାନ୍ଦି ବି ହୁଏନା
କାହାକୁ କହି ହୁଏନା,
ଭବିଷ୍ୟତେ ଆସି ଉପସ୍ଥିତ ହୁଏ
ଦିଏ ସେ ଭାରି ଯନ୍ତ୍ରଣା।

ବର୍ଷ ପରେ ବର୍ଷ କାଳ ପରେ କାଳ
ଚାଲିଥାଏ ସିଏ ମାତି,
ଛାଇ ପରି ଥାଏ ସବୁବେଳେ ପାଖେ
ଯେପରି ଜୀବନ ସାଥୀ।

ଅତୀତ ସେ ମୋର ଏତେ ଯେ ବିରଳ
କାହାକୁ କହିବି ବ୍ୟଥା,
ଅତୀତ ଭାବି କି ଭୁଲିଗଲେ ତାକୁ
ଖୋଲିଦେବ ମୋର ଗାଥା।


ରେଢ଼ାଖୋଲ,
ସମ୍ବଲପୁର ଓଡ଼ିଶା।
ମୋ -୯୮୬୧୮୯୩୭୯୫


## ଇଚ୍ଛା

**ଗୋପୀନାଥ ସେଠୀ**

ଇଚ୍ଛା ତ ଅଛି ଭ୍ରମିବି ଦିନେ
ଅନେକ ଗିରି ବନ ।
କୋକିଳ ସହ ମୈତ୍ର ବସି
ଗାଇବି କେତେ ଗାନ ।

ପକ୍ଷୀଟି ପରି ଉଡ଼ି ଆକାଶେ
ଭ୍ରମିବି ନାନା ଦେଶ ।
ନିର୍ଜନ ଦ୍ୱୀପେ ତୋଳିବି ଯାଇ
ନଡ଼ା ଛପର ବାସ ।

ମୁକ୍ତ ଗଗନେ ପ୍ରୀତି ଲଗନେ
ଦେଖିବି ଚାରୁ ଶୋଭା ।
ସବିତା ତାର ପୀରତି ଢାଳି
ଦେଖାଉଥିବ ପ୍ରଭା ।

ବରଷା କାଳେ ବିଜୁଳି ମେଳେ
ଖେଳିବି ଲୁଚକାଳି ।
ବରଷା ଟୋପା ଏକାଠି କରି
ଗଢ଼ିବି ଏକ ମାଳି ।

ପୁଷ୍ପ ଉଦ୍ୟାନେ ଫୁଟିବି ଯାଇ
ହୋଇ ସୁବାସ ଫୁଲ ।
ସହସ୍ର ହୃଦେ ବାଣ୍ଟିବି ନିତି
ପ୍ରୀତିର ସେହି ମୂଳ ।

ଶଶାଙ୍କ ହୋଇ କୁମୁଦ ଦେହେ
ଢାଳିବି ପ୍ରେମ ସୁଧା ।
ଆନନ୍ଦେ ତାର ନୟନ ଦୁଇ
ପ୍ରୀତିରେ ହେବ ଓଦା।।



ସୋର, ବାଲେଶ୍ୱର





## ମିନା ଅପାଙ୍କ ରାମାୟଣ ଟୁର୍ଙ୍ଗି (୬୪)

# ହନୁମାନଙ୍କ ଦ୍ୱାରା ଅଶୋକବନ ଭଗ୍ନ



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ହନୁମାନ ମାତା ସୀତାଙ୍କୁ ତାଙ୍କ କାନ୍ଧରେ ବସାଇ ପ୍ରଭୁ ଶ୍ରୀରାମଙ୍କ ପାଖକୁ ନେଇ ଯିବାକୁ ପ୍ରସ୍ତୁତ ଥିଲେ। ମାତ୍ର ସୀତା ସେ କଥାରେ ରାଜି ହୋଇନଥିଲେ। ଏ କଥା ନୁହେଁ ଯେ ତାଙ୍କର ହନୁମାନ ବୀରତା ଉପରେ ଆସ୍ଥା ନଥିଲା, ସେ ଚାହୁଁଥିଲେ ତାଙ୍କ ପତି ଶ୍ରୀରାମ ରାବଣକୁ ଉଚିତ୍ ଦଣ୍ଡ ଦିଅନ୍ତୁ ଓ ତାଙ୍କୁ ମୁକ୍ତ କରନ୍ତୁ। ଦ୍ୱିତୀୟ କଥା ଥିଲା ରାବଣର ପରାକ୍ରମ ସଂପର୍କରେ। ସୀତା ଚାହୁଁନଥିଲେ ହନୁମାନ କୌଣସି ବିଘ୍ନର ସାମ୍ନା କରନ୍ତୁ।" ମିନା ଅପା ରାମାୟଣ କଥା ଆରମ୍ଭ କଲେ।

"ହନୁମାନ ମାତା ସୀତାଙ୍କ ମନକଥା ବୁଝି ପାରିଲେ। ସେ ଜାଣିଥିଲେ, ପ୍ରଭୁ ଶ୍ରୀରାମ ଏ ଧରାଧାମରେ ଜନ୍ମ ଗ୍ରହଣ କରିଛନ୍ତି



ଅସୁରମାନଙ୍କ ବିନାଶ ଲାଗି। ହନୁମାନଙ୍କଠାରୁ ସମ୍ବାଦ ପାଇବା ମାତ୍ରେ ସେ ଲଙ୍କା ଆସିବେ ଓ ରାବଣକୁ ବଧ କରି ମାତା ସୀତାଙ୍କୁ ମୁକ୍ତ କରିବେ।

ହନୁମାନ ବିଦାୟ ଦେବାକୁ ମାତା ସୀତାଙ୍କ ଅନୁମତି ମାଗିଲେ। ସେ ଚାହୁଁଥିଲେ ଯଥାଶୀଘ୍ର କିଷ୍କିନ୍ଧ୍ୟାରେ ପହଂଚି ପ୍ରଭୁ ଶ୍ରୀରାମଙ୍କୁ ମାତା ସୀତାଙ୍କ ଖବର ଦେବେ। ମାତା ସୀତାଙ୍କୁ ମୁକ୍ତି ପାଇଁ ପ୍ରଭୁ ଶ୍ରୀରାମ ଲଙ୍କା ଅଭିଯାନ ଯଥାଶୀଘ୍ର ଆରମ୍ଭ ହେବା ଆବଶ୍ୟକ।

ହନୁମାନଙ୍କ ମାତା ସୀତା ତାଙ୍କ ମସ୍ତକମଣି ପ୍ରଦାନ କରିଥିଲେ ଓ ଏ କଥା କହିଥିଲେ- ଏହାକୁ ଦେଖି ପ୍ରଭୁ ଶ୍ରୀରାମ ମୋ ବାର୍ତ୍ତା ପାଇଯିବେ ଓ ଯଥାଶୀଘ୍ର ମୋତେ ଏଠାରୁ ମୁକ୍ତ କରିବେ।

ହନୁମାନ ମାତା ସୀତାଙ୍କଠାରୁ ବିଦାୟ ନେଇ ଅଶୋକ ବନ ଛାଡ଼ିବାକୁ ମନସ୍ଥ କଲେ। ମାତ୍ର ତାଙ୍କ ମନକୁ ହଠାତ୍ ଗୋଟେ କଥା ଆସିଲା ଲଙ୍କା ଛାଡ଼ିବା ଆଗରୁ ସେ ରାବଣକୁ ଭୟଭୀତ କରିବାକୁ ଚାହୁଁଥିଲେ ଓ ତାକୁ ତା' ପ୍ରାଣ ରକ୍ଷା କରିବାକୁ ସତର୍କ କରିବାକୁ ଚାହୁଁଥିଲେ। ସେ ଚାହୁଁଥିଲେ ରାବଣ ମାତା ସୀତାଙ୍କୁ ମୁକ୍ତ କରି ଦେଇ ଓ ନିଜକୁ ପ୍ରଭୁ ଶ୍ରୀରାମଙ୍କ କୋପରୁ ରକ୍ଷା କରୁ।

ବୀର ହନୁମାନ ଅଶୋକ ବନରୁ ତାଙ୍କ ଧ୍ୱଂସର କାର୍ଯ୍ୟ ଆରମ୍ଭ କରିଦେଇଥିଲେ। ଅଳ୍ପ ସମୟରେ ସେ ସୁରମ୍ୟ ଅଶୋକ ବନକୁ ଧ୍ୱସ୍ତ-ବିଧ୍ୱସ୍ତ କରି ଦେଇ ରାବଣକୁ ଚେତେଇ ଦେବାକୁ ଚେଷ୍ଟା କଲେ। ଅଳ୍ପ ସମୟରେ ଅତି ସୁନ୍ଦର ଦିଶୁଥିବା ଅଶୋକ ବନ ଏକ ଧ୍ୱଂସ ସ୍ତୂପରେ ପରିଣତ ହେଲା। ଏ ଖବର ସଂଗେ ସଂଗେ ରାବଣ ପାଖରେ ପହଂଚିଲା। ସେ ଆଶ୍ଚର୍ଯ୍ୟ ହେଲା ଯେ ଗୋଟେ ବାନର ତା ରାଜ୍ୟରେ ପହଂଚି ତାର ସୁରମ୍ୟ ଅଶୋକ ବନକୁ ନଷ୍ଟ କରିଛଚି।

ରାବଣ ସଂଗେ ସଂଗେ ତାର କିଛି ସୈନ୍ୟ ସାମନ୍ତ ଓ କିଙ୍କରମାନଙ୍କୁ ବାନରକୁ ଧରି ନେବାକୁ ଆଦେଶ ଦେଲା। ସେମାନେ ହନୁମାନଙ୍କୁ ଧରିବା ଦୂର କଥା, ହନୁମାନଙ୍କ ପ୍ରକୋପ ଦେଖି ତାଙ୍କ ପାଖରେ ପହଂଚି ପାରିଲେନି। ହନୁମାନ ଅତି ଅଳ୍ପ ସମୟରେ ସେମାନଙ୍କୁ ଯମପୁରକୁ ପଠାଇଦେଲେ।

ଏ ସବୁ ଖବର ରାବଣ ପାଖରେ ପହଂଚିଗଲା। ତାର ରାଗ ଆହୁରି ବଢ଼ିଗଲା। ସେ ପ୍ରଥମେ ପ୍ରହସ୍ତର ପୁତ୍ର ଜମ୍ବୁମାଳିକୁ ଦେଖିଲା ଓ ସଂଗେ ସଂଗେ ତାକୁ ଅଶୋକ ବନକୁ ଯାଇ ଦୁଷ୍ଟ ବାନରକୁ ମାରି ଆସିବାକୁ କହିଲେ।

ଜମ୍ବୁମାଳି ଅତ୍ୟନ୍ତ କୋପରେ ଅଶୋକ ବନ ଆସି ହନୁମାନଙ୍କ ପ୍ରତି ଶର ନିକ୍ଷେପ କରି ହନୁମାନଙ୍କୁ କ୍ଷତାକ୍ତ କଲେ। ବୀର ହନୁମାନ ଅତି ଅଳ୍ପ ସମୟରେ ଏକ ଲୌହମୁଖ ମୁଦଗରରେ ଜମ୍ବୁମାଳି ଓ ତାର ରଥକୁ ଧୂଳିସାତ୍ କଲେ।

ଜମ୍ବୁମାଳି ବଧ କଥା ରାବଣ କାନରେ ପଡ଼ିଲା। ସେ ବୁଝି ପାରିଲାନି ଯେ କ'ଣ କରିବ। ନିଜ ମନ୍ତ୍ରୀମାନଙ୍କ ପୁଅ ଓ ସେନାପତିମାନଙ୍କ ହନୁମାନଙ୍କୁ ମାରିବାକୁ ଅଶୋକ ବନକୁ ପଠାଇଲା। ମାତ୍ର ସେମାନଙ୍କ ବଳ ହନୁମାନଙ୍କ ପରାକ୍ରମ ଆଗରେ ସାମାନ୍ୟ ଥିଲା। ତେଣୁ ସେମାନେ ସମସ୍ତେ ମୃତ୍ୟୁ ମୁଖରେ ପଡ଼ିଲେ।

ସୈନ୍ୟଗଣଙ୍କ ସହିତ ପାଂଚ ସେନାପତିଙ୍କ ମୃତ୍ୟୁ ରାବଣକୁ ହରାଇ ଦେଲା। ସେ ବୁଝିଗଲା- ଏ ବାନର ଏକ ସାଧାରଣ ବାନର ନୁହେଁ। ରାବଣକୁ ତା ନିଜ ନଗରୀରେ ଡରାଇଥିବା ବାନର ନିଶ୍ଚିତ ଅନନ୍ୟ ଥିବ।

ସଂଗେ ସଂଗେ ରାବଣ ତାର ପ୍ରିୟ ପୁତ୍ର ବଳଶାଳୀ ଅକ୍ଷୟ କୁମାରକୁ ଦେଖିଲା ଓ ବାନରକୁ ମାରିକରି କିମ୍ବା ବାନ୍ଧିକରି ତା ପାଖକୁ ନେବାକୁ ଆଦେଶ ଦେଲ। ରାବଣର ପୁତ୍ର ଅକ୍ଷୟ କୁମାର ବଳଶାଳୀ ଥିଲା, ମାତ୍ର ବୀର ହନୁମାନଙ୍କ ଆଗରେ ସେ କିଛି ନଥିଲା। ସେ ହନୁମାନଙ୍କ ସହିତ ଘୋର ଯୁଦ୍ଧ କଲା। ମାତ୍ର ଶେଷକୁ ସେ ହନୁମାନଙ୍କ କୋପର ଶିକାର ହେଲା ଓ ମୃତ୍ୟୁବରଣ କଲା।

ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧



ପ୍ରଭାସିନୀ ବରାଡ

# ଚୁମୁନୁ ପୁଷିର ମେଢ ବୁଲା



ହନୁ ବୁଢା ରାମୁନୁକୁ ସବୁ କଥା ଜଣା। ସେ ଗାଁ' ଗଣ୍ଡା ସହର ବଜାର ଚାରିଆଡ ବୁଲି ବୁଲି ଦେଖିଥିବା ଯାନିଯାତ୍ରା ଜଙ୍ଗଲର ରଜାଙ୍କୁ କହି ସେହିପରି କରାଏ । ଜଙ୍ଗଲ ଜୀବମାନେ କହନ୍ତି, ରାମୁନୁ ହନୁ ଭାରି ବୁଦ୍ଧିଆ । ଯେଉଁଠି ଯାହା ଦେଖିଥିବ, ଶୁଣିଥିବ ଅକ୍ଷରେ ଅକ୍ଷରେ ସେ ମନେ ରଖିଥିବ। ମାଙ୍କଡ ପଲ ଧରି ଯଦି ବୁଲି ଯାଇଛି ତ କେବେ କିଏ କେଉଁଠି ରହିଗଲା କିଏ ହଇରାଣରେ ପଡିଲା ଖୋଜି ଧରି ଆସିଲା ଯାଏଁ କରିବ। କୌଣସି ଲୋକର କେବେ ଫସଲ ନଷ୍ଟ ନ କରିବାକୁ ସମସ୍ତଙ୍କୁ କହିବ।

ରାମୁନୁ ଦେଖିଲା ଗାଁ' ଓ ସହରରେ ପ୍ରତି ବର୍ଷ ପରି ସେ ବର୍ଷ ଲୋକମାନେ ଦଶହରା ପାଇଁ ଦୁର୍ଗା ମେଢ କରିବାକୁ ଯୋଗାଡ କରୁଛନ୍ତି । ଏହା ଦେଖି ତା'ର ପୂର୍ବ ବର୍ଷ କଥା ମନେ ପଡିଲା। ସାଙ୍ଗସାଥୀ ଦୁଇ ଜଣ ନେଇ ରାମୁନୁ ମେଢ ଦେଖିବାକୁ ଯାଇଥିଲା ହେଲେ ଲୋକମାନେ ତା'ଙ୍କୁ ଘଉଡାଇ ଆଣିଥିଲେ। ଭାରି କଷ୍ଟ ହୋଇଥିଲା ତା'ଙ୍କୁ ସେଦିନ। ଭାବିଲା ନାଁ, ଏ ବର୍ଷ ରଜାଙ୍କୁ କହି ଜଙ୍ଗଲରେ ମେଢ କରିବାକୁ ପଡିବ । ରାମୁନୁ ସିଧା ଯାଇ ରାଜାଙ୍କୁ ଭେଟି କହିଲା 'ହଜୁରଙ୍କ ଆଜ୍ଞା ହେଲେ ଦଶହରା ମେଢଟିଏ ତିଆରି କଲେ ଭଲ ହୁଅନ୍ତା'। କଥାଟା ରାଜା ଓ ସଭାରେ ବସିଥିବା ସମସ୍ତ ଜୀବଜନ୍ତୁଙ୍କ ମନକୁ ପାଇଲା। କଥା ହେଲା, ଦୁର୍ଗା ଠାକୁରାଣୀଙ୍କୁ ବସାଇ ବିଲୁଆ ଦଳ ହୋମ କରିବେ ଓ ଅନ୍ୟ ଜୀବଜନ୍ତୁ ଦୋକାନ ବଜାର ପକାଇବେ, ପରିବାର ସହ ଖୁସି ମନାଇବେ। ପୁଣି ନାଚଗୀତ ଓ ଭୋଜିଭାତ ହେବ।

ଠିକ୍ ଦଶହରା ଦିନ ହେଲା, ଘରେ ଘରେ ପିଠା ପଣା ଖୁସିର ଲହରୀ। ଯିଏ ଯା'ର କୁଣିଆ ମାନଙ୍କୁ ଘରକୁ ଡାକି ଆଣିଛନ୍ତି ମେଢ ଓ ଯାତ୍ରା ଦେଖିବା ପାଇଁ । ଲାଇଟ୍ ମାଇକରେ ଜଙ୍ଗଲ କମ୍ପୁଛି । ପୁଷି ନାନୀ ଚୁମୁନୁ, ପଡିଶା ଘର କୋକିଶିଆଳି ସିଲିକୁ ଧରି ଶାଢୀ, ଚୁଡି, ପିଲାଙ୍କ ପାଇଁ ଡ୍ରେସ ବଜାରରୁ ପିନ୍ଧିବା ପାଇଁ ସବୁ ନୂଆ କିଣି ଆଣିଛି। ଚୁମୁନୁ ସବୁ କାମ ତୁଟାଇ ଦୁଇ ଝିଅ ମିକି, ରିକିକୁ ମୁଣ୍ଡ କୁଣ୍ଡାଇ ଡ୍ରେସ ପିନ୍ଧାଇ ସଜବାଜ କଲା । ନିଜେ ଶାଢୀ, ଚୁଡି, ସ୍ନୋ, ପାଉଡର, ଲିପ୍ଷ୍ଟିକ୍ ଲଗାଇ ଭ୍ୟାନିଟ ପକାଇ କଳା ଚଷମା ଓ ଚପଲ ପିନ୍ଧି ସାହି ପଡିଶାଙ୍କ ସାଥିରେ ମେଳ ହୋଇ ଯାତରା ଆଡେ ବାହାରିଲା।

ବାଟ ସାରା ଭଳି ଭଳି ଦୋକାନ କେଉଁଠି ଖାଇବା ଜିନିଷ ତ କେଉଁଠି ଖେଳଣା ତା' ସହ ଘର କରଣା ଦୋକାନକୁ ମନୁହର ସଜ। ଏ ସବୁ ଦୋକାନ ଦେଖି ମିକି ଓ ରିକି ମା'କୁ କହିଲେ ମାମା ତୁ ଗୋଟିଏ ଦୋକାନ ଦେଲେ ଭଲ ହୁଅନ୍ତା। ଆମ ଦୋକାନରୁ ସମସ୍ତେ କିଣନ୍ତେ। ଚୁମୁନୁ ମୁଣ୍ଡକୁ ଭଲ କଥାଟିଏ ଆସିଲା ସେ ଦେଖିଲା କରୋନା ସମୟ ମାସ୍କ ଓ ହାତ ସଫା ଜିନିଷ କିଛି ଆଣି ବିକିବ ଭଲ ଲାଭ ହେବ। ଦେଖିଲା କାହିଁ କେଉଁଠି ସେ ଦୋକାନ ନାହିଁ, କାଳ ବିଳମ୍ବ ନ କରି ମିକି ଓ ରିକିର ବାପା ଚମନ ଭୁଆକୁ ଡାକିଲା। ସ୍କୁଟିରେ ଚମନ ଓ ଚୁମୁନୁ ଯାଇ ପାଖ ବଜାରରୁ ଜିନିଷ ଆଣି ପାଲ ପକାଇ ବସି ପଡିଲେ। ଆଗରେ ସୂଚନା ଫଳକ ଲଗାଇ ଦେଲେ ଦୟାକରି ମାସ୍କ ସମସ୍ତେ ବ୍ୟବହାର କରନ୍ତୁ, ହାତ ଧୁଅନ୍ତୁ, କିଛି ବ୍ୟବଧାନରେ ଛିଡା ହୁଅନ୍ତୁ ନ ହେଲେ କରୋନା ସଂକ୍ରମଣର ସମ୍ମୁଖୀନ ହେବେ।

ଚମନ ଓ ଚୁମୁନୁର କଥା ଶୁଣି ଏହା ନିରାଟ ସତ କଥା ବୋଲି ସମସ୍ତେ ଭାବିଲେ। ନିଜକୁ ସୁରକ୍ଷିତ ରଖିବା ପାଇଁ ଭାଲୁ, କୋକିଶିଆଳ, ଗଧିଆ, କୁକୁଡା, ମିରିଗ, ସମ୍ବର, କୁକୁର, ଠେକୁଆ ସଭିଏଁ ମାସ୍କ ଓ ହାତଧୂଆ କିଣି ପକାଇଲେ। ହନୁ ବୁଢା ରାମୁନୁ ଦେଖି ଭାରି ଖୁସି ହେଲା। କହିଲା ଯାହା ହେଉ ଲୋ ଚୁମୁନୁ ତୁ 'ସ୍ୱାସ୍ଥ୍ୟ ହିଁ ସଂପଦ' ଠିକ କଥା ବୁଝିଛୁ ଓ ସବୁ ଜୀବଜନ୍ତୁଙ୍କୁ ବୁଝାଉଛୁ।

ବେଳକୁ ବେଳ ଦୋକାନ ବହୁତ ଭିଡ ହେଲା। ତା ' ଭିତରେ ମିକି ରିକି ମନ ସବୁ ଦୋକାନ ବୁଲି ମେଢ ଦେଖିବାକୁ ଅଧିର ହେଲାଣି। ଚମନକୁ ଦୋକାନରେ ବସାଇ ଚୁମୁନୁ ପିଲାଙ୍କୁ ଧରି ମେଢ ବୁଲାଇ ନେଲା। ରିକିଟା ବଡ ଚୁଲ୍ ବୁଲିଟା ଚୁମୁନୁ ଜୋର୍‌ରେ ତା' ହାତ ଧରିଥାଏ, କାଳେ ଗଳି ପଳାଇବ କୁଆଡେ।

ମିକି ଓ ରିକି ମେଢ ଦେଖି ବହୁତ ଖୁସି ହୋଇଗଲେ, 'କହିଲେ ମାମା, ଦେଖେ ଦେଖେ କେଡେ ବଡ ଅସୁର ବାପ୍‌ରେ ବାପ୍ ତା'କୁ ଠାକୁରାଣୀ କେମିତି ମାରିଛନ୍ତି ଦେଖିଲୁତ' !

ଚୁମୁନୁ ବୁଝାଇ ଦେଲା ବହୁ ଦିନ ତଳ କଥା ଦୁଷ୍ଟ, ପାପୀ ମହିଷା ଅସୁରକୁ ଦୁର୍ଗା ମା' ମାରି ପକାଇ ଶାନ୍ତି ଆଣିଥିଲେ। ସେହି ଦିନକୁ ବିଜୟା ଦଶମୀ ବା ଦଶହରା ମାନୁଛେ। ଏଥିରୁ ଆମେ ଶିଖିଲେ ଯେ, କେବେ ଦୁଷ୍ଟ କିମ୍ବା ଖରାପ କାମ କରିବା କଥା ନୁହେଁ।

ମେଢ ବୁଲି ସାରି ପାଖରେ ପଡିଥିବା ଖେଳଣା ଦୋକାନରେ ମିକି ଓ ରିକି ହାଜର ହୋଇ କହିଲେ ମାମା, ମାମା, ଆମେ ଖେଳଣା କିଣିବୁ। ଠେକୁଆ ଭାଇ ରୋହନ ଖେଳଣା ଦୋକାନ ଦେଇଛି, ମିରିଗ, ସମ୍ବର, ଭାଲୁ ପିଲାମାନେ ସବୁ ଖେଳଣା କିଣୁଥା'ନ୍ତି। ନାଲି, ନେଳି ଭଳି ଭଳି ବେଲୁନ ସହ ବିଭିନ୍ନ ପ୍ରକାର ଗାଡି, ଏରୋପ୍ଲେନ୍, ପେଁକାଳି, ଡମ୍ବରୁ, ବାଜା ଇତ୍ୟାଦି ସବୁ ଅଛି । ଚୁମୁନୁ କହିଲା ଅଯଥା ବା ଅନାବଶ୍ୟକ ଜିନିଷ କିଣିବା ଉଚିତ୍ ନୁହେଁ। ମିକି କହିଲା ମାମା ଗୋଟିଏ ଖେଳଣା ନେବା। ତିରିଶି ଟଙ୍କା ଦେଇ ତିନି ମାଙ୍କଡ ଥିବା ଖେଳଣାଟିକୁ ଚୁମୁନୁ ଧରି କହିଲା ଏଇଟା ନେବା ଘରେ ରଖିବା। ହଉ, କହିଲ ଦେଖି ସେମାନେ କାହିଁକି ପାଟି, କାନ, ଆଖି ବନ୍ଦ କରିଛନ୍ତି ?

ମିକି ଓ ରିକି ନୀରବ ରହିବା ଦେଖି ଚୁମୁନୁ କହିଲା,'ଜଣେ ଖରାପ କାମ ଦେଖିବ ନାହିଁ, ଜଣେ ଖରାପ କଥା ଶୁଣିବ ନାହିଁ, ଜଣେ ଖରାପ କଥା କହିବ ନାହିଁ'। ବୁଝିଲ ତ, ଏଇଟା ଘରେ ରଖିଲେ ତମେ ସବୁ ଶିଖିବ। ଖେଳଣା କିଣି ସାରି ଚୁମୁନୁ ପିଲାଙ୍କୁ ଧରି ବାଦାମ ଓ ମଟର ଭଜା ପେଣ୍ଡି କୁକୁଡା ମିଳି ଦୋକାନରୁ କିଣିଦେଲା। ବାଟରେ ଆସୁ ଆସୁ କୋକିଶିଆଳ ପକାଇଥିବା ଚକାଭଉଁରି ଦୋଳି ଦେଖି ରିକି ଓ ମିକି ବସିବାକୁ କହିଲେ। ଚୁମୁନୁ କୋଡିଏ ଟଙ୍କା ଦେଇ ଦୁଇ ଜଣଙ୍କୁ ଦୋଳିରେ ବସାଇ ଦେଲା । ସେମାନଙ୍କ ଖୁସି କହିଲେ ନ ସରେ । ଠୋ ଠୋ ତାଳି ମାରି ହସୁଥାନ୍ତି । ପରେ ଚମନ ପାଖକୁ ଆସି ଦେଖିଲେ ଢେରେ ଲାଭ ହୋଇଛି । ଚୁମୁନୁ କହିଲା ଏ ସବୁ 'ପରିଶ୍ରମର ଫଳ'।

ଯାତରା ଦେଖା ସରିଲା ଭସାଣି ହେଲା । ରାଜା ସଭା ଡକାଇ ସମସ୍ତଙ୍କୁ ପଚାରିଲେ ସବୁ କାମ ଶୃଙ୍ଖଳାରେ ହୋଇ ଗଲା ତ ?

ସମସ୍ତେ ହଁ କଲେ, କହିଲେ ଆଜ୍ଞା ଆମ ସମସ୍ତଙ୍କର ଗୋଟିଏ ମନ ସେଥିପାଇଁ ସୁରୁଖୁରୁରେ ସବୁ କାମ ହୋଇଗଲା। ରାମୁନୁ ହନୁ ଉଠି କହିଲା ପୁଷି ଚୁମୁନୁ ଓ ଭୁଆ ଚମନ ଭଲ କାମଟିଏ କଲେ ଆଜ୍ଞା। ନ ହେଲେ କରୋନା ସଂକ୍ରମଣ ବଢି ଯିବାର ସଂଭାବନା ଥିଲା।

ହଁ ହଁ ସତ କଥା,କହି ସବୁ ଜୀବଜନ୍ତୁ ତାଙ୍କୁ ତାରିଫ୍ କରି ଧନ୍ୟବାଦ ଦେଲେ । ଚୁମୁନୁ କହିଲା ଖାଲି ଏବେ ନୁହେଁ ସବୁବେଳେ ସମସ୍ତେ ମାସ୍କ ପିନ୍ଧିବା, ଦୂରତା ବଜାୟ ରଖିବା ଓ ହାତ ଧୋଇ ସଫା କରିବା । ଏ କଥା କେବେ ଭୁଲିବା ନାହିଁ, ତେବେ ଯାଇ କରୋନାଠାରୁ ଦୂରରେ ରହିବା ଓ ସମସ୍ତଙ୍କର ମଙ୍ଗଳ ହେବ ।

+ଶ୍ରୀବିହାର, କଲେଜ ରୋଡ, ନୟାଗଡ
ପିନ୍ - ୭୫୨୦୭୦
ଫୋନ - ୮୯୧୭୨୯୯୫୭୬

## କବିତା
ତୁମ ପାଇଁ

### ହଳଦୀ
**ନଗେନ୍ଦ୍ର ନାଥ ପଟ୍ଟନାୟକ**

ଅତି ହିତକାରୀ ଚିଜଟିଏ ଇଏ
ସବୁରିଙ୍କ ଘରେ ଲୋଡ଼ା
ନାଆଁଟି ତାର ହଳଦୀ ଅଟଇ
ରୂପ ଦିଶେ ଭାରି ତୋରା ।

ଦେଖିବାକୁ ସିନା ଭାରି ବେଢ଼ଙ୍ଗିଆ
ଭିତରେ ସୁନ୍ଦର ଦିଶେ
ଦେହସାରା ତାର ହଳଦିଆ ରଙ୍ଗ
ସତେ ଅବା ସୁନା ବେଶେ ।

ଦୂରକରେ ଚର୍ମଦୋଷ-ପିତ-କଫ
ମଧୁମେହ ରକ୍ତଦୋଷ
ପୁଣି ଭଲହୁଏ ଫୁଲାରୋଗ ଆଉ
ମୁଖେ ବ୍ରଣ କରେ ନାଶ ।

କ୍ଷତ ଘା' ଥାନେ ହଳଦୀ ଲେପନେ
ମିଳେ ଉପଶମ ବେଗି
ବଟା ହଳଦିର ପ୍ରଲେପ ପ୍ରଭାବେ
ଚୋଟଫୁଲା ଯାଏ ଭାଗି ।

ଦାନ୍ତ ପୀଡା ବେଳେ ହଳଦୀ ମଞ୍ଜନେ
ଯନ୍ତ୍ରଣାରୁ ମୁକ୍ତି ମିଳେ
କେତେ ଉପକାରୀ ଗୁଣେ ଭରପୂର
କେ ହେବ କି ଯାର ତୁଲେ ।

+୯୯୯/୩,ଜଗମୋହନ
ନଗର,ଜାଗମରା
ଖଣ୍ଡଗିରି,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

### ବୁଝାଇ କହିଦେ ମାଆ ମୋର
**ଜୟକୃଷ୍ଣ ସାହୁ**

ମାଆ ଲୋ ମାଆ !
ମୁଁ ଦେଖୁଛି ଯାହା ସତ କି ମିଛ
କହି ଦେ ବୁଝାଇ ତାହା।

କାଲି ଫୁଟିଥିଲା ଗଛରେ ଫୁଲ
ଫୁଟି କରୁଥିଲା ଝଲମଲ
ଆଜି ସେ ପଡ଼ିଛି ତଳେ,
ଗଲାକାଲି ଶୋଭା ଆଜିକି ନାହିଁ
ଯା'ଥିଲା ଫୁଟିଲା ବେଳେ।

ଶୁଖି ସେ ପଡ଼ିଛି ତଳେ ଝରି
କିଏ କଲା ତାକୁ ଏତେ ସରି
ଜାଣିଥିଲେ ସତ କୁହ,
କହିଦେଲେ ସତ ଆଜିଠାରୁ ତୋର
ହୋଇଯିବି ସୁନାପୁଅ।
ମାଆ କହିଲାରେ ସୁନାଧନ !

ଫୁଲ ବଞ୍ଚିଥାଏ ଏକ ଦିନ
ଆମର ଜୀବନ ନୁହେଁ ତାହାପରି
ଫୁଲ ଜୀବନଠୁ ପୁରା ଭିନ୍ନ।

ନିଇତି ଗଛରେ ଫୁଲ ଫୁଟେ
ଫୁଲରୁ ସୁବାସ ନିତି ଛୁଟେ
ସୂରୁଜ ନଇଁଲେ ସଂଜ ଆସିଗଲେ
ଫୁଟିଥିବା ଫୁଲ ତଳେ ଲୋଟେ।

ଏ କଥା ଆମର ହାତେ ନାହିଁ
କାହାକୁ କହିବା ଆମେ ଯାଇ
ସବୁ ଭଙ୍ଗା ଗଢ଼ା କରିଥାନ୍ତି ସେଇ
ସେ ଅଟନ୍ତି ଆମ ଭାବଗ୍ରାହୀ।

+କପିଳ ପ୍ରସାଦ,ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭

### ଆସ ନେବା ଶୀତ ମଜା
**ନୀଳମଣି ଚାନ୍ଦ**


ଆଇ ତ କହନ୍ତି ଶୀତକୁ ବଢ଼ିଆ
ଥିଲେ ସୁଆଦିଆ କାଞ୍ଜି
ବାପା ତ କହନ୍ତି ଏ ଠିକ୍ ସମୟ
ବୁଲିବାକୁ ସୀତାବିଞ୍ଜି
ସକାଳେ କାକର ଟୋପା
ରବି କିରଣରେ ମୁକୁତା ପାଲଟେ
କହନ୍ତି ଅନିତା ଅପା।

ଭାଇ ତ କହନ୍ତି ଶୀତ ଋତୁଟିରେ
ସକାଳ ବୁଲାଟା ମଜା
ସୋରିଷକ୍ଷେତଟି ମନ ନିଏ ଜିଣି
ଏ କଥା କହନ୍ତି ଅଜା
ଗଙ୍ଗଶିଉଳିଟି ଫୁଟେ
ମାଇଁ କହନ୍ତି ସେ ରାତି ଫୁଟା ଫୁଲ
ବାସ ଭୁରୁଭୁରୁ ଛୁଟେ ।

କହେ ସାଙ୍ଗ ସାନୁ ଶୀତ ମଜା ନେବା
ନଳବଣ ଥରେ ଯାଇ
ବାଇନାକୁଲାରରେ ଦେଖିବା ପକ୍ଷୀଙ୍କୁ
ତାଙ୍କଠାରୁ ଦୂରେ ଥାଇ
ଫସଲ ଅମଳ ବେଳ
ଶୀତ କହେ ସାର ପାଇଟିକୁ ଆଗ
ପରେ ହେବ ଗୁଡ଼ି ଖେଳ।

+୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨
ମୋ-୯୫୮୩୨୦୨୩୫୭

### ନେଲି ବଡ଼ ଶପଥ
**ଧୀରେନ୍ଦ୍ର ମଲ୍ଲିକ**



ବୋଉ ରାନ୍ଧିଥିଲେ ଆଜି
ରୋହୀ ମାଛ ବାଗେଇ,
ଘରେ ରଖି ଯତନରେ
ମତେ ଦେଲେ ଜଗେଇ।

କହି ଗଲେ ଆରେ ବାବୁ
ଯିବୁନାହିଁ ବାହାର,
ଖାଇଦେବ କାଳେ ଭୁଆଁ
ରଖିଥିବୁ ନଜର।

ଥକା ମତେ ଲାଗିଲାଣି
ଟିକିଏ ମୁଁ ଶୋଉଛି,
ଡାକିଦେବୁ କିଛି କ୍ଷଣେ
ମନେ କରି ଦେଉଛି।

ବୋଉ କଥା ମାନି ମୁହିଁ
ସେଇଠାରେ ରହିଲି,
ଭୁଆଁ ଘଉଡିବା ଲାଗି
ବାଡି ଖଣ୍ଡେ ଧଇଲି।

କିଛିକ୍ଷଣ ପରେ ମୋର
ସାଙ୍ଗ ରବି ଆଇଲା,
କ୍ରିକେଟ ଖେଳିବା ଲାଗି
ଖୁସି ହୋଇ କହିଲା।


ଭାବିଲି ମୁଁ ଆସିବନି
ଭୁଆଁ ବୋଧେ ଏଠାକୁ,
ପଳେଇଲି ସାଥିରେ ତା
ଖେଳିବାକୁ ତୋଟାକୁ।

ଖେଳ ସାରି ଘରକୁ ମୁଁ
ବେଗି ଗଲି ଧାଇଁକି,
ବୋଉ ଠିଆ ହୋଇ ଥାନ୍ତି
ବାଟ ମୋର ଚାହିଁକି।

ରାଗିଯାଇ ପଚାରିଲେ
ଯାଇଥିଲୁ କୋଉଠି,
ଭୁଆଁ ଖାଇଦେଲା ସବୁ
ତରକାରୀ ନାହିଁଟି।

ଏଡ଼େ ତୁହି ବଦମାସ
କାହିଁ ତତେ କହିଲି
ଦିନ ଯାକ ତୋର ଲାଗି
ଉପାସ ମୁଁ ରହିଲି।

ସେଇ ଦିନୁ ମନେ ମୁହିଁ
ନେଲି ବଡ଼ ଶପଥ,
ଗୁରୁଜନ କଥା ମାନି
ଚାଲିବି ମୁଁ ନିରତା।



+ ଯୁବ ସାମ୍ବାଦିକ
ନିଳକଣ୍ଠପୁର ମଙ୍ଗଳପୁର ଯାଜପୁର
ଫୋନ -୭୯୦୪୩୯୨୬୮୬

### ଗୁରୁ-ଶିଷ୍ୟ
**ଧ୍ରୁବଚରଣ ଘିବେଲା**

ଯୋଗ୍ୟତା ବଳରେ ଯୋଗ୍ୟତା ଆଧାରେ
ଗୁରୁ ସଦା ବନ୍ଦନୀୟ
ଗୁରୁ ପରିଚୟ ପ୍ରତିଷ୍ଠା ନିଶ୍ଚୟ
ସବୁକାଳେ ପୂଜନୀୟ।
ଶିଷ୍ୟ ପାଇଁ ଗୁରୁ ଗୁରୁ ପାଇଁ ଶିଷ୍ୟ
ଯେ ଯାହା ସ୍ଥାନରେ ରହି
ନିଜ ଉତ୍କୃଷତା ନିଜ ସଫଳତା
ନିଜ ମେଧା ବଳେ ପାଇ।
ଗୁରୁ ଆଶୀର୍ବାଦ ଲଭେ ଯେଉଁ ଶିଷ୍ୟ
ଜୀବନ ହୁଏ ତା' ଧନ୍ୟ
ଗୁରୁ ଶୁଭାଶିଷ ପୁଣ୍ୟ ଫଳ ପ୍ରାପ୍ତ
ଗରୁକୃପା ଅରଜନ।
ଗୁରୁ ଶିଷ୍ୟ ସ୍ଥାନେ ଯେ ରହେ ସର୍ବଦା
ନିଶ୍ଚୟ ଯୋଗ୍ୟରେ ଗଣା
ଯୋଗ୍ୟ ହେବାପାଇଁ ସାଧନାରେ ଥାଇ
ନଥାନ୍ତି ସେ ବାଟବଣା।
ସତ ମତ ପଥେ ଗତିଶୀଳ ଥାଇ
ରହିବା ଅତି ସୁନ୍ଦର
ଯେଉଁ ଗୁରୁ ଥାନ୍ତି ସତ୍ୟର ପଥିକ
ଉଚ୍ଚ ବିଚାର ତାଙ୍କର।
ଗୁରୁ କଥା ମାନି ଗୁରୁ କଥା ଘେନି
ରହିଥାଏ ଯେ ସତତ
ଗୁରୁ ଜ୍ଞାନ ପାଇଥାନ୍ତି ଯେଉଁ ଶିଷ୍ୟ
ଜୀବନ ପଥ ଉନ୍ନତ।
ଗୁରୁ ଯେ ଶିଷ୍ୟ ସେ ବିଚାର ରଖିବା
ନିହାତି ଉତ୍ତମ କଥା
ଶିଷ୍ୟ ସ୍ଥାନେ ରହି ଜ୍ଞାନ ଅରଜିବା
ଗୁରୁ ନିଷ୍ଠେ ଶ୍ରେଷ୍ଠ ଯଥା।

+ବୌଦ୍ଧ
ମୋ: ୯୪୩୭୪୭୮୪୬୬

# ଚଳିତ ଋତୁରେ ୧୦୦ଟଙ୍କା ବୋନସ ଦିଅନ୍ତୁ ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଶାସକ ଦଳର ମୁଖ୍ୟମନ୍ତ୍ରୀ ଲମ୍ବା ସମୟ ଧରି ମିଥ୍ୟା କହିବା ସହ ଶାସନରେ ରହି ଗୋଧି ଓ କୁମ୍ଭୀର ଚମଡାରେ ପରିବୃତ ହୋଇଯାଇଛନ୍ତି। ରାଜ୍ୟ ସରକାରଙ୍କୁ ଚାଷୀଙ୍କ ଦୁଃଖ ଦେଖାଯାଉନି। ଏମ୍‌ଏସ୍‌ପି ବାଦ୍ ରାଜ୍ୟ ସରକାର ଘୋଷଣା କରିଥିବା ଚାଷୀଙ୍କୁ ଧାନ କ୍ୱିଂଟାଲ ପିଛା ୧୦୦ଟଙ୍କାର ବୋନସ ଓ କାଳିଆ ଯୋଜନାରେ ଚାଷୀଙ୍କୁ ୧୦ହଜାର ଟଙ୍କା ଯଥାଶୀଘ୍ର ପ୍ରଦାନ କରନ୍ତୁ। ଯଦି ଏହି ଦୁଇ ପ୍ରସଙ୍ଗ ଉପରେ ରାଜ୍ୟ ସରକାର ପଦକ୍ଷେପ ନନିଅନ୍ତି ତାହାଲେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ଓଡ଼ିଶାରେ ପାଦ ଥାପିବାକୁ ଚାଷୀକୂଳ ଦେବେ ନାହିଁ ବୋଲି ପ୍ରେସ ବାର୍ତ୍ତା ଜରିଆରେ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଭାରତୀୟ ଜନତା ପାର୍ଟି ଚାଷୀଙ୍କ ଲାଗି ଆଜିକୁ ୭ଦିନ ଧରି ବିଧାନସଭା ସମ୍ମୁଖରେ ଧାରଣାରେ ବସିଛନ୍ତି। ଏହି ସତ୍ୟାଗ୍ରହରେ ଆଜି କଟକ ଜିଲ୍ଲାର ଚୌଦ୍ୱାର, କଟକ ସଦର ଓ କଟକ ବାରବାଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଚାଷୀ ଓ କାର୍ଯ୍ୟକର୍ତ୍ତାମାନେ ରାଜ୍ୟ ସରକାରଙ୍କୁ ଘେରିଥିଲେ। ଓଡ଼ିଶାର ଜନସାଧାରଣ ଓ ଚାଷୀ ବହୁତ ସରଳ ବିଶ୍ୱାସୀ ହୋଇଥିବାରୁ ରାଜ୍ୟ ସରକାରଙ୍କ କୁମ୍ଭୀର କାନ୍ଦଣାକୁ ସହଜରେ ବିଶ୍ୱାସ କରୁଛନ୍ତି। ୨୦୧୬ ମସିହାରେ ମୁଖ୍ୟମନ୍ତ୍ରୀ ସୋହେଲାରେ କହିଥିଲେ ଚାଷୀଙ୍କୁ ଏମ୍‌ଏସ୍‌ପି ଉପରେ ୧୦୦ଟଙ୍କା ବୋନସ ଦେବେ। କିନ୍ତୁ ଆଜିକୁ ୬ବର୍ଷ ବିତିଯାଇଥିଲେ ବି ଜଣେ ଚାଷୀ ବୋନସ ପାଇନାହାନ୍ତି ବରଂ ଅନ୍ୟ ରାଜ୍ୟର ଚାଷୀମାନେ ବୋନସ ପାଉଛନ୍ତି। ଚଳିତ ଋତୁରେ ରାଜ୍ୟ ସରକାର ଓଡ଼ିଶାର ଚାଷୀଙ୍କୁ ୧୦୦ଟଙ୍କା ବୋନସ ଦିଅନ୍ତୁ ବୋଲି ଶ୍ରୀ ହରିଚନ୍ଦନ ଦାବି କରିଛନ୍ତି। ୨୦୧୮ ମସିହାରେ ମୁଖ୍ୟମନ୍ତ୍ରୀ କାଳିଆ ଯୋଜନା ଘୋଷଣା କରି ୧୦ହଜାର ଟଙ୍କା ଦେବା ଘୋଷଣା କରିଥିଲେ। ୨୦୧୯ ମସିହାର ନିର୍ବାଚନ ବୈତରଣୀ ପାର ହୋଇ ଚାଷୀଙ୍କୁ ଭୂଆଁ ବୁଲାଇ ସମସ୍ତ ଘୋଷଣା ଭୁଲିଯାଇଥିଲେ। ନିର୍ବାଚନ ଆସିଲେ ରାଜ୍ୟ ସରକାରଙ୍କ ଚାଷୀଙ୍କ କଥା ମନେ ପକାଇ କାଳିଆ ଯୋଜନାର ୧୦ହଜାର ଟଙ୍କାରୁ ୪୦୦୦ଟଙ୍କା ଚାଷୀଙ୍କୁ ଚକଲେଟ୍ ଖାଇବା ଲାଗି ନବୀନ ଦେଇଥାନ୍ତି। ଚାଷୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଏହି ହୀନ ପ୍ରୟାସ ଚଳିବ ନାହିଁ ଓ ଯଥାଶୀଘ୍ର ଚାଷୀଙ୍କର ୨ଟି ଦାବିକୁ ରାଜ୍ୟ ସରକାର ପାଳନ କରନ୍ତୁ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

## ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କେନ୍ଦୁଝର ଜିଲ୍ଲାପାଳ

ହରିଚନ୍ଦନପୁର, ୨୫/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଏକ ଆଦିବାସୀ ବହୁଳ ଅଂଚଳ ଭାବେ ପରିଲକ୍ଷିତ ହୋଇଥିବା ବେଳେ ବର୍ତ୍ତମାନ ଏଠାରେ ଚିକିତ୍ସା କ୍ଷେତ୍ରରେ ବେଶ ସୁଧାର ଆସିଛି। ଆଦିବାସୀ ଲୋକଙ୍କୁ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ସରକାର ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚରେ ଯୋଜନା ଉପରେ ଯୋଜନା କରି ଚାଲିଛନ୍ତି। ତାହାର ତଦାରଖ ନିମନ୍ତେ ଆଜି ହଠାତ୍ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ହରିଚନ୍ଦନପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଁଚି ଡାକ୍ତରଖାନାର ବିଭିନ୍ନ ୱାର୍ଡ ଗୁଡିକ ବୁଲି ଚିକିତ୍ସିତ ହେଉଥିବା ରୋଗୀଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ପଚାରି ବୁଝିଥିଲେ। ଏଥିସହ ଡାକ୍ତରଙ୍କ ପରାମର୍ଶ ନିମନ୍ତେ ଧାଡ଼ିରେ ଛିଡ଼ା ହୋଇଥିବା ମହିଳାମାନଙ୍କୁ ଶିଶୁଙ୍କ ଟୀକା ଓ ସ୍ୱାସ୍ଥ୍ୟ ସମ୍ବନ୍ଧରେ ପଚାରି ବୁଝିଥିଲେ।

# କାଗଜ କଳ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଉଚ୍ଚ କ୍ଷମତାପ୍ରାପ୍ତ ନିର୍ଦ୍ଦେଶକଙ୍କୁ ମିଟିଂକୁ ଡାକିବାକୁ ଜିଲ୍ଲାପାଳଙ୍କୁ ନିବେଦନ କଲା ଶ୍ରମିକ ସଂଘ

ଜୟପୁର, ୨୫/୧୧ (ନି.ପ୍ର): କୋରାପୁଟ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଜୟପୁର ସ୍ଥିତ ପେପର ମିଲ ଓ ଶ୍ରମିକ ସଂଗଠନ ଓ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପକ୍ଷରୁ ନିବେଦନ କରାଯାଇଛି ଯେ, ଆସନ୍ତା ବୈଠକକୁ କାଗଜ କଳ ର ନୂତନ କ୍ଷମତାପ୍ରାପ୍ତ ନିର୍ଦ୍ଦେଶକ ଓ ଅଧିକାରୀ ମାନଙ୍କୁ ଡକାଯାଉ ଯେଉଁମାନେ କୌଣସି ନିଷ୍ପତି ନେବାର ଅଧିକାର ଥିବ, କାରଣ ସ୍ଥାନୀୟ ମ୍ୟାନେଜମେଂଟ ଗତ ତିନି ବର୍ଷ ହେଲା କେବଳ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶନାରେ ଆମେ କାମ କରୁଛୁ, ଆମକୁ ଯାହା ନିର୍ଦ୍ଦେଶ ଅଛି ତାହା କରୁଛୁ ବୋଲି କହି ଆସୁଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଗତ ନଭେମ୍ବର -୩ ତାରିଖରେ ଶ୍ରମିକ ସଂଗଠନ ଓ ଅବସରପ୍ରାପ୍ତ ଶ୍ରମିକ ମାନେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ କୋରାପୁଟ କଲେକ୍ଟୋରେଟ୍ ରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦୀର୍ଘ ସମୟ ଧରି କାରଖାନାର ସମସ୍ୟା ଓ ଶ୍ରମିକ ମାନଙ୍କ ସମସ୍ୟା ସମ୍ବନ୍ଧରେ ଆଲୋଚନା ପରେ ନଭେମ୍ବର ୧୧ ତାରିଖରେ ଇପିଏଫ ସହାୟକ କମିଶନର୍ ବ୍ରହ୍ମପୁର ଓ ଡି ଏଲ ଓ ଜୟପୁର ଏବଂ ସ୍ଥାନୀୟ ମ୍ୟାନେଜମେଂଟକୁ ଡାକି ବୈଠକ କରିଥିଲେ ଯେଉଁଠି ଇପିଏଫ ସହାୟକ କମିଶନର୍ ବ୍ରହ୍ମପୁର କହିଥିଲେ ଯେ, ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଶ୍ରମିକ ମାନଙ୍କ ଜମାରାଶି କଲିକତା ସ୍ଥିତ କରମ୍ ଚାନ୍ଦ୍ ଥାପର ପିଏଫ୍ ଟ୍ରଷ୍ଟ ରୁ ବ୍ରହ୍ମପୁର ଆଂଚଳିକ ପିଏଫ କମିଶନ୍ ଅଫିସ୍ କୁ ଆସିବ ଏବଂ ସମସ୍ତେ ପି ଏଫ୍ ଓ ପେନସନ ସୁବିଧା ପାଇବେ। ଏ ସମ୍ବନ୍ଧରେ ଆଲୋଚନା ପାଇଁ ପୁନର୍ବାର ୧୭ ନଭେମ୍ବର ରେ ଜିଲ୍ଲାପାଳଙ୍କ ଜୟପୁର ଗସ୍ତ ସମୟରେ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ସଂଗଠନ ମାନେ ମିଶିଥିଲେ ଏବଂ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଦେବା ସହ ଅନ୍ୟ ଦାବି ଯଥା କାର୍ଯ୍ୟରତ ଶ୍ରମିକମାନଙ୍କୁ ପୁରା ଦରମା ଓ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ବକେୟା ପାଉଣା ବିଷୟରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ମହୋଦୟ ନିଜେ ହସ୍ତକ୍ଷେପ କରି ଡିସେମ୍ବର ପ୍ରଥମ ସପ୍ତାହରେ ବୈଠକ ଡାକିବାକୁ ପ୍ରତିଶୃତି ଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଏ କାରଖାନାର ୨୦୧୯ ଏପ୍ରିଲ୍ ମାସରୁ ଉତ୍ପାଦନ ବନ୍ଦ ରହିଛି ଏବଂ ୨୦୨୦ ଫେବୃଆରୀ ମାସରେ ବିଜିନେସ୍ ଟ୍ରାନ୍ସଫର୍ ଏଗ୍ରିମେଣ୍ଟ ଜରିଆରେ ମ୍ୟାନେଜମେଂଟ ପରିବର୍ତନ ହୋଇଛି। ନୂତନ ମଦର ଆର୍ଥ୍ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ସେହି ବିଟିଏ କୁ ଦେଖେଇ ୨୦୨୦ ଜୁନ୍, ୮ ତାରିଖରେ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କରୁ ୧୫୦ କୋଟି ଟଙ୍କା ଋଣ ନେଇ ପୁରୁଣା କମ୍ପାନୀ ମାଲିକକୁ ୧୦୦ କୋଟି ଟଙ୍କା ଦେଇ ଦେଇଛି। କିନ୍ତୁ, ଆଶ୍ଚର୍ଯ୍ୟର କଥା ଯେ, ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ ଆଗେ ଋଣ ଦେଇ ପରେ ଏନ୍ ଓ ସି ମାଗିଛନ୍ତି ଏବଂ ଓଡ଼ିଶା ସରକାର କିଛି ଯାଂଚ୍ ନକରି କେଉଁ ଭରସାରେ ହାଇଦ୍ରାବାଦ ସ୍ଥିତ ଏହି କମ୍ପାନୀକୁ ଏନ୍ ଓ ସି ଦେଇଛନ୍ତି ତାହା ମଧ୍ୟ ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ଶ୍ରମିକ ମାନଙ୍କୁ କୋଭିଡ୍ -୧୯ ମହାମାରୀ ଆଳରେ ୨୦୨୦ ରୁ ଗେଟ୍ ବନ୍ଦ କରି ରଖିବା ପରେ ବାରମ୍ବାର ଚାପ ପକାଇବାରୁ ଗତବର୍ଷ ୨୦୨୧ ନଭେମ୍ବର-୨୫ରୁ ଶ୍ରମିକ ମାନଙ୍କୁ ଡ୍ୟୁଟି ଯିବାକୁ ଦେଇଥିଲା। ସମସ୍ତଙ୍କୁ ଅଧା ଦରମା ଅଗ୍ରୀମ ଆକାରରେ ଦେଉଛି, ତାହା ମଧ୍ୟ ଦୁଇ ମାସ ତିନି ମାସ ପରେ। ଗତ ମେ ୨୦୨୨ ରୁ ଉତ୍ପାଦନ ଆରମ୍ଭ ହୋଇଥିଲା ବେଳେ କଂଚାମାଲ୍ କେମିକାଲ କୋଇଲା ଅଭାବରୁ ଉତ୍ପାଦନ ବନ୍ଦ ରହୁଛି। ନଭେମ୍ବର-୫ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ତିନିବର୍ଷ ହେଲା ଶ୍ରମିକ ମାନେ ହନ୍ତସନ୍ତ ହେଉଥିବା ବେଳେ ଉତ୍ପାଦନ ପ୍ରକ୍ରିୟା ସ୍ୱାଭାବିକ ହୋଇପାରି ନାହିଁ। ସବୁଠାରୁ ଉଦବେଗଜନକ ବିଷୟ ହେଉଛି ଜୟପୁରର କାଠ ଯୋଗାଣକାରୀ ସଂସ୍ଥାମାନଙ୍କର କୋଟି କୋଟି ଟଙ୍କା ବାକି ଥିବା ବେଳେ ଦିଲ୍ଲୀରୁ ରାଜୀବ ୱଢେରା ନାମକ ଉଚ୍ଚ ଅଧିକାରୀ ନାଲି କନାରେ ବହିକୁ ଢାଙ୍କି ଭାଗବତ ଗୀତା ଛୁଇଁ କହୁଛି ସବୁ ସପ୍ତାହରେ କାଠ ପାଉଣା ଦିଆଯିବ କହି ପ୍ରତିଜ୍ଞା କରି ମଧ୍ୟ ଦେଲେ ନାହିଁ। ଆଜି ଦିନରେ ସେମାନଙ୍କର ଲକ୍ଷ ଲକ୍ଷ ଟଙ୍କା ବାକି ପଡ଼ିଛି। ଏସବୁ ଦୃଷ୍ଟିରୁ ନିର୍ଣ୍ଣାୟକ ନିଷ୍ପତି ନେବା ପାଇଁ ଯେଉଁ ମାନେ ବିଟିଏ ଦସ୍ତଖତ କରିଛନ୍ତି ସେମାନଙ୍କୁ ଡାକିବାକୁ ୟୁନିଅନ ନେତା ପ୍ରମୋଦ କୁମାର ମହାନ୍ତି ଓ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପକ୍ଷରୁ ଶ୍ରୀ ପ୍ରକାଶ ଚୌଧୁରୀ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

# ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ ସହ ଅଷ୍ଟ୍ରେଲିଆ ଆଇନ ଛାତ୍ରଙ୍କ ଆଲୋଚନା

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ନିର୍ବାଚନ ପ୍ରକ୍ରିୟା ଓ ତତ ସଂପର୍କିତ ଆଇନକାନୁନ ବିଷୟରେ ଜ୍ଞାନ ଆହରଣ ଉଦ୍ଦେଶ୍ୟରେ ସେଂଚୁରିଆନ୍ ବିଶ୍ୱବିଦ୍ୟାଳୟ ଜରିଆରେ ଅଷ୍ଟ୍ରେଲିଆର ଭିକ୍ଟୋରିଆ ବିଶ୍ୱବିଦ୍ୟାଳୟର ଆଇନ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କର ଏକ ୮ ଜଣିଆ ଦଳ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ରାଜ୍ୟ ନିର୍ବାଚନ କମିଶନରଙ୍କ ସମ୍ମିଳନୀ କକ୍ଷରେ ସାକ୍ଷାତ୍ କରିଛନ୍ତି। ଭାରତ ଭଳି ଏକ ବିରାଟ ଦେଶରେ 'ରାଜ୍ୟ ଏବଂ ସଂଘୀୟ ନିର୍ବାଚନ ଆଇନ ଓ ପ୍ରକ୍ରିୟା' ସଂପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।

ଆଲୋଚନାଚକ୍ରରେ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ ନିର୍ବାଚନ ପରିଚାଳନା ନିମନ୍ତେ ଭାରତୀୟ ସମ୍ବିଧାନର ଧାରା, କେନ୍ଦ୍ରୀୟ ନିର୍ବାଚନ ଆୟୋଗ ଗଠନ ସହ କେନ୍ଦ୍ରୀୟ ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନର ନିଯୁକ୍ତି, ରାଜ୍ୟ ନିର୍ବାଚନ ଆୟୋଗ ଗଠନ ଓ ରାଜ୍ୟ ନିର୍ବାଚନ କମିଶନର ନିଯୁକ୍ତି ଇତ୍ୟାଦି ସାମ୍ବିଧାନିକ ବ୍ୟବସ୍ଥା ସଂପର୍କରେ ଅଷ୍ଟ୍ରେଲିଆ ଆଇନ ଛାତ୍ରମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ଦେଶର ସାଂସଦ, ବିଧାୟକଙ୍କଠାରୁ ଆରମ୍ଭ କରି ପଂଚାୟତି ସମିତି ଓ ଗ୍ରାମ ପଂଚାୟତ ସ୍ତରରେ ଅନୁଷ୍ଠିତ ହେଉଥିବା ନିର୍ବାଚନ ପ୍ରକ୍ରିୟା ଓ ଆଇନ ସଂପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ ଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଏତଦ୍ ବ୍ୟତୀତ ଆମ ଦେଶ ତଥା ରାଜ୍ୟରେ ଅନୁଷ୍ଠିତ ହେଉଥିବା ସହରାଂଚଳ ଓ ଗ୍ରାମାଂଚଳ ନିର୍ବାଚନର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ନିର୍ବାଚନ ପୂର୍ବରୁ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିର୍ବାଚନ ତାରିଖ ଘୋଷଣା, ଆଦର୍ଶ ଆଚରଣ ବିଧି ଲାଗୁ, ଭୋଟର ତାଲିକା ପ୍ରସ୍ତୁତି, ନାମାଙ୍କନ ପତ୍ର ଦାଖଲ ଓ ପ୍ରତ୍ୟାହାର, ବାଲାଟ ପେପର ଛାପିବା, ରାଜନୈତିକ ଦଳମାନଙ୍କ ଦ୍ୱାରା ନିର୍ବଚାନ ପ୍ରଚାର, ନିର୍ବାଚନୀ ଖର୍ଚ୍ଚ, ପ୍ରାର୍ଥୀ ଓ ରାଜନୈତିକ ଦଳମାନଙ୍କ ଦ୍ୱାରା ଆଦର୍ଶ ଆଚରଣ ବିଧିର ଅନୁପାଳନ ଇତ୍ୟାଦି ସଂପର୍କରେ ବିସ୍ତୃତ ଭାବେ ଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଭାରତୀୟ ନିର୍ବାଚନ ପ୍ରକ୍ରିୟା ଓ ଆଇନ ସଂପର୍କରେ ଜାଣିବାକୁ ଆଗ୍ରହୀ ଥିବା ଛାତ୍ରମାନଙ୍କୁ ମତଦାନ ଗ୍ରହଣ ନିମନ୍ତେ ନିଯୁକ୍ତ ହେଉଥିବା ପୁଲିଙ୍ଗ ଅଧିକାରୀ, ଜିଲ୍ଲାସ୍ତରରେ ନିର୍ବାଚନ ପରିଚାଳନା କରୁଥିବା ଜିଲ୍ଲା ନିର୍ବାଚନ ଅଧିକାରୀ, ରିଟର୍ଣ୍ଣିଂ ଅଧିକାରୀ, ସହକାରୀ ରିଟର୍ଣ୍ଣିଂ ଅଧିକାରୀ, ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ନିଯୁକ୍ତି ଓ ଦାୟିତ୍ୱ, ଭୋଟଗ୍ରହଣ ନିମନ୍ତେ ବ୍ୟବହୃତ ହେଉଥିବା ଇଭିଏମ୍ ଓ ଭିଭିପ୍ୟାଟ୍ ର ବ୍ୟବହାର, ଷ୍ଟ୍ରଙ୍ଗରୁମ୍ ପରିଚାଳନା, ମତଗଣନା କେନ୍ଦ୍ରର ଗଠନ ଓ ନିର୍ବାଚନ ଫଳାଫଳ ଘୋଷଣା ସଂପର୍କରେ ବିସ୍ତୃତ ଭାବେ ଶ୍ରୀ ପାଢ଼ୀ ଅଷ୍ଟ୍ରେଲିଆ ଆଇନ ଛାତ୍ର ଓ ଅଧ୍ୟାପକଙ୍କୁ ଅବଗତ କରାଇଥିଲେ। ପ୍ରାରମ୍ଭରେ ରାଜ୍ୟ ନିର୍ବାଚନଙ୍କ ଭାରପ୍ରାପ୍ତ ସଚିବ ଆଜାଦ୍ ହିନ୍ଦ୍ ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଆଲୋଚନା ଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଭିକ୍ଟୋରିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ୍ୟାରିଲ୍ ଓ ପ୍ରଫେସର ବ୍ରେଣ୍ଡି, ସେଂଚୁରିଆନ୍ ବିଶ୍ୱବିଦ୍ୟାଳୟର ଡିନ୍ ଅଧ୍ୟାପକ କେ. ଭି. ଡି. ପ୍ରକାଶ ଓ ବରିଷ୍ଠ ଉପଦେଷ୍ଟା ପ୍ରଫେସର ଅରୁନ୍ଧତୀ ବିଶ୍ୱାଳଙ୍କ ସହ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ ଆଇନ୍ ଅଧିକାରୀ ମାଧୁରୀ ମିଶ୍ର ଉପସ୍ଥିତ ଥିଲେ।

# ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିରୋଧ ଆଇନ ସମ୍ପର୍କରେ କର୍ମଶାଳା

କେନ୍ଦ୍ରାପଡ଼ା, ୨୫/୧୧ (ନି.ପ୍ର): ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିରୋଧ ଆଇନ ସମ୍ପର୍କରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଇନ ର ଧାରା -୪ ରେ ଥିବା ପ୍ରାବଧାନ ସଂପର୍କରେ କର୍ମଶାଳାରେ ଆୟୋଜନ କରାଯାଇ ଥିଲା। ଜାଣିଶୁଣି ଏହି ଆଇନ ଓ ନିୟମ ରେ ଥିବା ବ୍ୟବସ୍ଥା ଗୁଡିକୁ କାର୍ଯ୍ୟକାରୀ ନକରି ଏବଂ କର୍ତବ୍ୟ ରେ ଅବହେଳା ପ୍ରଦର୍ଶନ କରିଥିବା ଅଣ-ଦଳିତ ଓ ଅଣ-ଆଦିବାସୀ ସରକାରୀ କର୍ମଚାରୀ ବିଶେଷତଃ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ପାଇଁ ୬ ମାସରୁ ୧ ବର୍ଷ ପର୍ଯ୍ୟନ୍ତଜେଲ ଦଣ୍ଡର ବ୍ୟବସ୍ଥା ରଖାଯାଇଛି। ତେଣୁ ସରକାରୀ କର୍ମଚାରୀଙ୍କ ଏହି ଦାୟିତ୍ୱ ସମ୍ପର୍କରେ ନିର୍ଯାତିତ ବ୍ୟକ୍ତି, ପୋଲିସ, ପ୍ରଶାସନିକ ଅଧିକାରୀ, ବେସରକାରୀ ସଙ୍ଗଠନ, ଆଇନଜୀବି ଓ ମାନବ ଅଧିକାରର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତି ମାନେ ସଚେତନ ହେବା ନିହାତି ଆବଶ୍ୟକଯାହାଦ୍ୱାରା ଆଇନ ଓ ନିୟମର ସଠିକ ଅନୁପାଳନ ହେବ ଓ ସରକାରୀ କର୍ମଚାରୀ ଙ୍କ ବିରୁଦ୍ଧ ରେ ଆଇନ ଉଲ୍ଲଙ୍ଘନ ଜନିତ ଅଭିଯୋଗର ଅବକାଶ ରହିବ ନାହିଁ ବୋଲି ଗୁରୁବାର ଦିନ ସୌଭାଗ୍ୟ ମଣ୍ଡପ ଠାରେ ଆୟୋଜିତ ହୋଇଥିବା ଏକ କର୍ମଶାଳାରେ ମତ ପ୍ରକାଶ ପାଇଛି। ଭୁବନେଶ୍ୱରରେ ଅବସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ସିଏସ୍‌ଏନ୍‌ଆର୍ ପକ୍ଷରୁ ଆୟୋଜିତଏହି କର୍ମଶାଳାରେ ରଞ୍ଜିତ ସୁତାର ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ମୁଖ୍ୟ ଅତିଥି ଭାବେ ମମତା ରାଣୀ ପରିଡା, ଜିଲ୍ଲା ସମାଜ କଲ୍ୟାଣ ଅଫିସର, କେନ୍ଦ୍ରାପଡ଼ା କହିଥିଲେ ଯେ ଥାନାରେ ମୌଖିକ ଭାବରେ ଅଭିଯୋଗ କରାଗଲେ, ଥାନାର ଭାରପ୍ରାପ୍ତ ଅଧିକାରୀ କିମ୍ବା ତାଙ୍କ ନିର୍ଦ୍ଦେଶ ରେ ଅନ୍ୟ କୌଣସି ଅଧିକାରୀ ତାହା ଲିପିବଦ୍ଧ କରିବେ ଓ ଅଭିଯୋଗକାରୀଙ୍କୁ ତାହା ପଢି ଶୁଣାଇବେ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ସାକାର ପୋର୍ଟାଲ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବି ଗୋକୁଳ ରଞ୍ଜନ ଦାଶ, ଲୋହିୟା ବିଚାର ମଂଚର ସଭାପତି ସଂଗ୍ରାମ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ଆଶିଷ ସେନାପତି, ରମଣୀ ରଞ୍ଜନ ରାଉତରାୟ, ଦୁର୍ଗାପ୍ରସାଦ ପତି, ପ୍ରଦୀପ ଦାଶ ଓ ସିଏସଏନଆର୍ ସଂଯୋଜକ ଚନ୍ଦ୍ରନାଥ ଦାନୀ ପ୍ରମୁଖ ଯୋଗଦେଇ ଏ ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ରାପଡ଼ାର ଦଳିତ ନେତା ନଗେନ୍ଦ୍ର ଜେନା ଯୋଗ ଦେଇ କହିଥିଲେ ଯେ ଅନେକ ସମୟରେ ସଠିକ୍ ତଦନ୍ତର ଅଭାବ ଓ ସାକ୍ଷୀମାନେ ମତ ବଦଳାଇବାରୁ ଦୋଷୀ ଖସିଯାଉଛି ଏଥିପାଇଁ ଏକଜୁଟ ହେବାକୁ ସେମାନେ ଆହ୍ୱାନ ଦେଇଥିଲେ। ରଞ୍ଜିତ ସୁତାର ଓ ପଲ୍ଲିଶ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ ସମସ୍ତ ଯୋଜନା ଓ ପ୍ରକଳ୍ପଗୁଡ଼ିକ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ନିର୍ଦ୍ଦେଶ ଦେଇଛନ୍ତି। ଆଜି ପୂର୍ବାହ୍ନରେ ଲୋକସେବା ଭବନସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗର ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ବିଜୁ ସେତୁ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, କୋଠାବାଡ଼ି, ଜିଲ୍ଲା ଖଣିଜ ପାଣ୍ଠି, ଓମ୍‌ବାଡ୍‌ସି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଯୋଜନା ସହିତ ମୁଖ୍ୟମନ୍ତ୍ରୀଙ୍କ 'ମୋ ସରକାର' ଏବଂ ମୁଖ୍ୟମନ୍ତ୍ରୀ ଜନଶୁଣାଣିର ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା। ରାଜ୍ୟର ସମସ୍ତ ୬୦ଟି ଡିଭିଜନ ଏବଂ ୧୩ଟି ସର୍କଲ ଇଂଜିନିୟରିଂ ସଂସ୍ଥାର ମୁଖ୍ୟ ଯନ୍ତ୍ରୀ ଏବଂ ସର୍ବୋଚ୍ଚ ଯନ୍ତ୍ରୀମାନଙ୍କୁ ନେଇ ସମସ୍ତ କାର୍ଯ୍ୟକ୍ରମ ସଂପର୍କରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଏବଂ ଏହି କାର୍ଯ୍ୟକ୍ରମକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମାପନ କରିବା ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଇଂଜିନିୟରମାନଙ୍କୁ ସର୍ବୋଚ୍ଚ ଯନ୍ତ୍ରୀମାନଙ୍କ ଦ୍ୱାରା ବୈଷୟିକ ଜ୍ଞାନକୌଶଳ ସଂପର୍କିତ ଏକ ଭିଡ଼ିଓ ପ୍ରଦର୍ଶନ ସହ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଶାସନ ସଚିବସୁଦର୍ଶନ ପରିଡ଼ା, ଅକ୍ଷୟ ପ୍ରଧାନଙ୍କ ସମେତ ବିଭାଗର ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ରହି ସମୀକ୍ଷା ବୈଠକରେ ଅଂଶଗ୍ରହଣ କରିଥିଲେ।

# ନିରନ୍ତର ବିକାଶ କାର୍ଯ୍ୟସୂଚୀର ରୂପାୟନ ନିମିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ପୁରୀ, ୨୫/୧୧ (ନି.ପ୍ର): ସମ୍ପ୍ରତି ଯୋଗାଯୋଗ, ବୈଷୟିକ ଜ୍ଞାନ ଓ ଜଳବାୟୁ ପରିବର୍ତନ ବିଶ୍ୱରେ ପ୍ରଭାବ ବିସ୍ତାର କରିଛି। ତେଣୁ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ପାଇଁ ଉପଯୁକ୍ତ ଯୋଜନା ଓ କାର୍ଯ୍ୟସୂଚୀ ଅନୁସାରେ କାର୍ଯ୍ୟ କରିବାକୁ ଯୋଜନା ଓ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଚିତ୍ରା ଅରୁମୁଗମ ମତବ୍ୟକ୍ତ କରିଛନ୍ତି। ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ ର ସଫଳ ରୂପାୟନ ନିମିତ ପୁରୀ ଜିଲ୍ଲା କ୍ଷେତ୍ର ସ୍ତରୀୟ ଅଧିକାରୀଙ୍କୁ ନେଇ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦଘାଟନ କରି ସ୍ୱତନ୍ତ୍ର ସଚିବ ଅରୁମୁଗମ ଜନସାଧାରଣଙ୍କ ପାଇଁ ଦୀର୍ଘସ୍ଥାୟୀ ଆର୍ଥିକ, ସାମାଜିକ ଓ ପରିବେଶ ବିକାଶକୁ ସୁନିଶ୍ଚିତ କରିବା ପାଇଁ ମିଳିତ ଜାତିସଂଘ ୧୭ ଟି ପ୍ରମୁଖ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଭାବେ ଚିହ୍ନଟ କରାଯାଇଛି। ଏହାକୁ କ୍ଷେତ୍ର ସ୍ତରରେ ଲୋକ ମାନଙ୍କ ବାସ୍ତବ ଆବଶ୍ୟକତାକୁ ଦୃଷ୍ଟି ଦେଇ ଓ ନିଷ୍ଠାର ସହ ସମ୍ପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ଯୋଜନା ଓ ସଂଯୋଜନା ବିଭାଗର ଯୁଗ୍ମ ସଚିବ ମନୀଷ ଅଗ୍ରୱାଲ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପାଇଁ ସ୍ଥାନୀୟ ଅଂଚଳର ବିବିଧ ସମସ୍ୟା ଓ ଆବଶ୍ୟକତାକୁ ଅନୁଧାନ କରି ଆଶୁ ସମାଧାନ ଦିଗରେ ପଦକ୍ଷେପ ନେବା ସହ ଯୋଜନାକୁ ତୃଣମୂଳ ସ୍ତରର ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥିଲେ। ପୂର୍ବରୁ ୧୧ ଟି ଜିଲ୍ଲାରେ ଏହି ପ୍ରଶିକ୍ଷଣ ଶିବିର ସରିଥିବା ବେଳେ ଆଜି ପୁରୀ ଓ ସମ୍ବଲପୁରରେ ଆରମ୍ଭ ହୋଇଛି ବୋଲି କହିଥିଲେ। ଜିଲ୍ଲାପାଳ ସମର୍ଥ ବର୍ମା ଦୀର୍ଘସ୍ଥାୟୀ ବିକାଶ ପାଇଁ କ୍ଷେତ୍ର ଅଧିକାରୀ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନଙ୍କ ମଧ୍ୟରେ ସମନ୍ୱୟ ଓ ପ୍ରତିବଦ୍ଧତା ଅତ୍ୟନ୍ତ ଜରୁରୀ ବୋଲି କହିବା ସହ ସ୍ଥାନୀୟ ଲୋକଙ୍କ ଆବଶ୍ୟକତା, ସ୍ଥାନୀୟ ସମ୍ବଳର ଉପଯୋଗ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଯୋଜନା ଓ ସଂଯୋଜନା ବିଭାଗର ସାମର୍ଥ୍ୟ ବୃଦ୍ଧି ବିଶେଷଜ୍ଞ ସରୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୁରୀ ଯୋଜନା ଓ ସଂଯୋଜନା କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ମଲ୍ଲିକ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବିଷୟ ବିଶାରଦ ଭାବେ ସୁତପା ପତି, ପ୍ରମୋଦ କୁମାର ମଲ୍ଲିକ, ମିଥୁନ କର୍ମକାର, ଡ଼ଃ. ରମେଶ ଚେଲାନ୍, ପ୍ରଣତୀ ମିଶ୍ର ପ୍ରମୁଖ ବିଶଦ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ଆଠ ଦିନ ହେଲା ରାସ୍ତାରେ ଭାସୁଛି ପାଇଖାନା ପାଣି : ଖବର ପାଇ ମଧ୍ୟ ସ୍ୱେରେଜ ବିଭାଗ ନିରବ

ରାଉରକେଲା, ୨୫/୧୧ (ନି.ପ୍ର): ରାଉରକେଲା ସହରରେ କାମ ହୋଇଥିବା ସ୍ୱେରେଜ କାମରେ ବିଭ୍ରାଟ ହୋଇଥିବାରୁ ବର୍ତମାନ ସହରରେ ଲୋକେ ନିଜ ଘରର ପାଇଖାନାକୁ ସ୍ୱେରେଜ ଲାଇନ ସହ ସଂଯୋଗ କରିଦେବାରୁ ସହରର ଅନେକ ସ୍ଥାନରେ ଡ୍ରେନ ଗୁଡିକ ଉଛୁଳି ରାସ୍ତାରେ ପାଇଖାନା ପାଣି ଭାସୁଛି। ଏନେଇ ବାରମ୍ବାର ସ୍ୱେରେଜ ବିଭାଗକୁ କୁହାଗଲେ ମଧ୍ୟ ସେମାନେ ଏଲଆଣ୍ଡଟି ବାଲାଙ୍କୁ ପଠାଉଛୁ ବୋଲି କହି ଦେଇ ନିରବ ରହୁଛନ୍ତି। ଫଳରେ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଗତ ୨ ବର୍ଷ ଭିତରେ ଏଲଆଣ୍ଡଟି କମ୍ପାନୀ ସ୍ୱେରେଜ ଲାଇନ ବିଛାଇ ଘର ଗୁଡିକ ପାଖରେ ମେନ ହୋଲ କରିଦେଇଗଲା, ଏହା ପରେ ପ୍ରଚାର କରାଗଲା ଘରମାଲିକ ମାନେ ନିଜ ଖର୍ଚ୍ଚରେ ନିଜ ଘରର ପାଇଖାନା ଲାଇନକୁ ସ୍ୱେରେଜ ଲାଇନରେ ସଂଯୋଗ କରନ୍ତୁ ନହେଲେ ମହାନଗର ନିଗମ ଦ୍ୱାରା ଦଣ୍ଡିତ ହେବେ। ଏହାଦ୍ୱାରା ଯିଏ ଯେମିତି ମିସ୍ତ୍ରୀ ଡାକି ନିଜ ଘରର ନାଳକୁ ସଂଯୋଗ କରିଦେଲେ। କିଛିଦିନ ପରେ ସେହି ନାଳ ସଂଯୋଗ ହୋଇଥିବା ମେନହୋଲ ଉଛୁଳି ରାସ୍ତାରେ ନାଳପାଣି ଭାସୁଛି। ଏହି ମଇଳା ପାଣି ଉପରେ ଗାଡି ଯାଉଥିବା ବେଳେ ଲୋକେ ମଧ୍ୟ ଅଜାଣତରେ ଚଲାବୁଲା କରୁଛନ୍ତି। ଘର ମାଲିକ ମାନେ ଫୋନ କଲେ ସ୍ୱେରେଜ ବିଭାଗ ଶୁଣୁନି। ଜିଲ୍ଲା ପ୍ରସାସନର ବାବୁ ମାନେ ଏହାକୁ ଜାଣି ମଧ୍ୟ ନଜାଣିଲା ଭଳି ରହିଛନ୍ତି। ଯଦି ଏତିକି ସଂଯୋଗରେ ଏଭଳି ପାଣି ଉଛୁଳୁଛି ତେବେ ପୁରା ସଂଯୋଗ ପରେ ସ୍ଥିତି କଣ ହେବ ଚିନ୍ତା କରି ଲୋକେ ଏହି ସଂଯୋଗକୁ ଆଉ ନକରିବାକୁ ଆଲୋଚନା କରୁଛନ୍ତି। ଅନ୍ୟପକ୍ଷରେ ଏନେଇ ସମସ୍ୟାର ସମାଧାନ ନକରି ବାଧ୍ୟ କରାଗଲେ ଆଇନର ଆଶ୍ରୟ ନିଆଯିବ ବୋଲି କିଛି ଆଇନଜୀବି ମତ ଦେଉଛନ୍ତି।

# ସ୍ୱାତୀ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଡସ୍ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ, ୨୫/୧୧ (ନି.ପ୍ର): ଚଳିତ ବର୍ଷ ଫୁଲବାଣୀରେ ବିଶ୍ୱ ଏଡସ୍ ଦିବସ ପାଳନ ଅବ୍ୟବ୍ୟହିତ ପୂର୍ବରୁ ଏଡସ୍ ନିୟନ୍ତ୍ରଣ ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି ଭୁବନେଶ୍ୱର ଙ୍କ ମିଳିତ ଉଦ୍ୟମରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମେନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଜିଲ୍ଲା ମଧ୍ୟରେ ରାଇକିଆ, ଜି.ଉଦୟଗିରି, ଖଜୁରିପଡା, ଫୁଲବାଣୀ, ଟିକାବାଲି, ଫିରିଙ୍ଗିଆ ଓ କେ.ନୂଆଗାଁ ଠାରେ ଆୟୋଜନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ସାରଙ୍ଗଡ ମହାବିଦ୍ୟାଳୟ ଠାରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟରେ ୧୫୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗ ଦେଇ ଏଚ୍.ଆଇ.ଭି ଶଂକ୍ରମଣ ର ଭୟାବହତା ଉପରେ ଚର୍ଚ୍ଚା କରିବା ସହ ନିଜେ ସଚେତନ ହେବା ସହ ଅନ୍ୟ ମାନଙ୍ଙ୍କୁ ସଚେତନ କରିବାର ଶପଥ ନେଇଥିଲେ। ଲକ୍ଷ୍ୟଭେଦୀ ପ୍ରକଳ୍ପ ତରଫରୁ ପ୍ରକଳ୍ପ ନିର୍ଦ୍ଦେକ ମମତା ଦାସ ଓ କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱରଞ୍ଜନ କର ଙ୍କ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରାଯାଇଥିବା ବେଳେ ସ୍ନେହଲତା ନାୟକ, ସୀତା ରଣା ଓ କନକ ଲତା ପାତ୍ର ଏହାର ପରିଚାଳନା କରିଥିବା ଜଣାଯାଇଛି। ଆଗାମୀ ଦିନରେ ସଂକ୍ରମ ରୋକିବା ଓ ସଂକ୍ରମିତ ଚିହ୍ନଟ ହୋଇଥିବା ବ୍ୟକ୍ତିବିଶେଷ ଙ୍କ ସଠିକ ଚିକିତ୍ସା, ଯତ୍ନ ଉପରେ ଏହି ବୈଠକ ଗୁଡିକରେ ଗୁରୁତ୍ୱ ଦିଆଯିବ ବୋଲି ସଂପାଦକ ହରିଶଙ୍କର ରାଉତ କହିଥିଲେ। କଲେଜର ଅଦ୍ଧକ୍ଷ ଅଶୋକ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ଏଡସ ଭଳି ମହାମାରୀ କୁ ରୋକିବାକୁ ହେଲେ ନିଜେ ନିଜକୁ ସୁରକ୍ଷିତ ରଖିବାକୁ ହେବ ନଚେତ୍ ନିଜର ଜୀବନକୁ ମୃତ୍ୟୁ ମୁଖରେ ପକାଇବା ହିଁ ସାର ହେବ ବୋଲି କହିଥିଲେ। ଏଭଳି କାର୍ଯ୍ୟକ୍ରମକୁ ମହବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଏବଂ ଛାତ୍ର ଛାତ୍ରୀ ଙ୍କ ମହଲରେ ଭୁରିୟସି ପ୍ରସଂସା କରିଥିଲେ।

## ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି ବାପ ଛେଉଣ୍ଡ କନ୍ୟା 'ଜନନୀ'



ଉଦଳା, ୨୫/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଚିତ୍ରଡ଼ା ବ୍ଲକ ଅନ୍ତର୍ଗତ ସମାୟଡ଼ିହି ଗ୍ରାମର ବାସିନ୍ଦା ୰ ଲକ୍ଷ୍ମୀଧର ପରମାଣିକ ଓ ତାଙ୍କର ସହଧର୍ମିଣୀ କମଳାଙ୍କ ଆଠ ବର୍ଷ ବୟସର କନ୍ୟା 'ଜନନୀ' ଆଦୌ ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି । ମାତା କମଳାଙ୍କ କହିବାନୁସାରେ ଆଜକୁ ୩ ବର୍ଷ ପୁର୍ବେ ତାଙ୍କର ସ୍ୱାମୀ ଲକ୍ଷ୍ମୀଧର ପରମାଣିକଙ୍କର ଦେହାନ୍ତ ହେଲା । ତହିଁ ପରଠାରୁ ସେ ଉଦଳା ବ୍ଲକ ଅନ୍ତର୍ଗତ ପାଟଶାଣିପୁର ପଞ୍ଚାୟତର ବଣିଆଦରହ ଗ୍ରାମରେ ତାଙ୍କର ବାପଘରେ ଆଶ୍ରୟ ନେଇଛନ୍ତି । ଆର୍ଥିକ ବଅସ୍ଥା ସ୍ୱଛଳ ନଥିବାରୁ ସେ ତାଙ୍କର କନ୍ୟା 'ଜନନୀ'କୁ ପାଠ ପଢ଼ାଇପାରିନଥିବାର ଜଣାଇଛନ୍ତି । ବର୍ତ୍ତମାନ ଜନନୀ ଗ୍ରାମରେ ଗୋରୁ ମୁଣିବା କାମରେ ଲିପ୍ତ ଅଛନ୍ତି । ଶିଶୁଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ବୋଲି ସରକାର ଢ଼ୋଲ ପିଟୁଛନ୍ତି । ତାହାଛଡ଼ା ଲୋଧା ସମ୍ପ୍ରଦାୟର ଲୋକଙ୍କ ଉନ୍ନତି ପାଇଁ ଉଦଳାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଅଥଚ ଜନନୀ ପରି ବାପ ଛେଉଣ୍ଡ ଲୋଧା କନ୍ୟା ପାଠ ପଢ଼ାରୁ ବଞ୍ଚିତ ଅଛି । ସ୍ୱେଚ୍ଛାସେବୀ ସଂଗଠନ 'ଷ୍ଟାର' ର କର୍ମୀ ମାନେ ଏଥିରେ ପ୍ରତିକ୍ରୀୟା ପ୍ରକାଶ କରି ଜନନୀକୁ ତୁରନ୍ତ ବିଦ୍ୟାଳୟକୁ ନେବାର ବ୍ୟବସ୍ଥା ସରକାର କରନ୍ତୁ ବୋଲି ଦାବୀ ଜଣାଇଛନ୍ତି ।

## କେନ୍ଦ୍ର ସରକାରଙ୍କୁ ଚାଷୀ ବିରୋଧୀ କହି ଧାରଣା ଦେଲା ବିଜେଡି

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ବିଧାନସଭା ଶୀତକାଳୀନ ଅଧିବେଶନର ଦ୍ୱିତୀୟ ଦିନରେ ପ୍ରଶ୍ନକାଳ କାର୍ଯ୍ୟକ୍ରମ ବାଧିତ ହେବା ପରେ ବିଜେଡି ବିଧାୟକ ମାନେ ବିଧାନସଭା ପରିସରରେ ଗାନ୍ଧୀ ମୂର୍ତି ସାମନାରେ ଧାରଣା ଦେଇ ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି । ବିଜେଡି ବିଧାୟକ ମାନେ କେନ୍ଦ୍ର ସରକାରଙ୍କୁ ଚାଷୀ ବିରୋଧୀ ବୋଲି କହିବା ସହ ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା । ବିଜେଡି ବିଧାୟକ ମାନେ ଅଭିଯୋଗ କରିଥିଲେ ଯେ କେନ୍ଦ୍ର ସରକାର ଚାଷୀ ମାନଙ୍କର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରୁ ନାହାନ୍ତି । ସେହିପରି ଚାଷୀ ମାନଙ୍କ ପାଇଁ ଆବଶ୍ୟକ ଥିବା ସାର ସେମାନଙ୍କୁ ପ୍ରଦାନ କରାଯାଉ ନାହିଁ।

# ଇନ୍ଟାକ୍ ଚାପ୍ଟାର, ବାଲେଶ୍ୱର ଆନୁକୂଲ୍ୟରେ ବିଶ୍ୱ ଐତିହ୍ୟ ସପ୍ତାହ ପାଳିତ




ବାଲେଶ୍ୱର,୨୫/୧୧ (ନି.ପ୍ର): ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଇନ୍ଟାକ୍ ଚାପ୍ଟାର, ବାଲେଶ୍ୱର ଆନୁକୂଲ୍ୟରେ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଅତିରିକ୍ତ କୋ-କନ୍ଭେନର୍ଙ୍କ ସଭାପତିତ୍ୱରେ ବିଶ୍ୱ ଐତିହ୍ୟ ସପ୍ତାହ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଯୋଗଦାନ କରି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖି ପିଲାମାନଙ୍କୁ ଶୃଙ୍ଖଳିତ ଏବଂ ସ୍ୱାବଲମ୍ୱୀ ହେବାପାଇଁ ନିଜର ଭାଷଣ ମାଧ୍ୟମରେ ଗଳ୍ପ ଦ୍ୱାରା ବିଭିନ୍ନ ଉପଦେଶ ଦେଇଥିଲେ । ଆଜିର ପିଲାମାନେ ନିଜର ସଂସ୍କୃତି ଓ ଐତିହ୍ୟ ପରମ୍ପରାକୁ ନ ଭୁଲିବାକୁ ପରାମର୍ଶ ଦେଇଥିଲେ । ଇନ୍ଟାକ୍ର ଏହିଭଳି ପଦକ୍ଷେପକୁ ସେ ଭୂୟଶୀ ପ୍ରଶଂସା କରିଥିଲେ । ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ତାଙ୍କ ବକ୍ତବ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପିଲାମାନଙ୍କ ଚିତ୍ରଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ । ସେମାନଙ୍କ ଭିତରେ ଐତିହ୍ୟ ଓ ପରମ୍ପରାକୁ ରକ୍ଷା କରିବା ପାଇଁ ଏକ ଛୋଟ ଉଦ୍ୟମ ଇନ୍ଟାକ୍ ଚାପ୍ଟାର ମାଧ୍ୟମରେ କରାଯାଇଛି ସତ, କିନ୍ତୁ ଆଗାମୀ ଦିନରେ ପିଲାମାନଙ୍କ ଭିତରେ ଏକ ଇନ୍ଟାକ୍ ହେରିଟେଜ୍ କ୍ଲବ୍ ଗଠନ କରିବାର ଯୋଜନା ଅଛି ବୋଲି ସେ ମତବ୍ୟକ୍ତ କରିଥିଲେ । ସେ ପିଲାମାନଙ୍କୁ ଏକ ଶପଥ ପାଠ କରାଇଥିଲେ, ସେମାନେ କେବେ ହେଲେ ସେମାନଙ୍କର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ଭୁଲିବେ ନାହିଁ କି କାହାକୁ ଭୁଲିବାକୁ ଦେବେ ନାହିଁ । ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁମତୀ ଜେନାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସୂଚାରୁ ରୂପେ ସଂପାଦିତ ହୋଇଥିଲା । ତାଙ୍କ ଭାଷଣରେ ସେ ପିଲାମାନଙ୍କୁ ଭଲ ମଣିଷ ହୋଇ ତାଙ୍କ ବିଦ୍ୟାଳୟର ସୁନାମ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମାତୃଦତ୍ତ ଦାସ ପିଲାମାନେ ଗାଇଥିବା ସ୍ୱାଗତ ସଂଗୀତରେ ଭୂୟସୀ ପ୍ରଶଂସା କରିଥିଲେ ଏବଂ ବାଲେଶ୍ୱର ଇତିହାସରେ ଗନ୍ତାଘର ବୋଲି ପିଲାମାନଙ୍କୁ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍କୁଲର ଛାତ୍ରୀ ପ୍ରିୟଙ୍କା ନାୟକ, ଗୁଞ୍ଜନ ମାଝୀ, ପ୍ରଭାତୀ ପରିଡ଼ା, ଆୟୁଷ୍ମତୀ ଆଚାର୍ଯ୍ୟ, ଶ୍ରୀୟାଶ୍ରୀ ପାତ୍ର, ରୋଜାଲି ମଲ୍ଲିକ୍ ଓ ଗାୟତ୍ରୀ ପାଢ଼ୀ ପ୍ରମୁଖ ସ୍ୱାଗତ ସଂଗୀତ ଗାନ କରିଥିଲେ । ଛାତ୍ରୀମାନଙ୍କ ତରଫରୁ ଚାନ୍ଦିନୀ ଖାତୁନ୍, ଇପ୍ସିତା ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲାବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁପ୍ରଭା ମିଶ୍ର, ଗାୟତ୍ରୀରାଣୀ ଦାସ, ଲିଜା ଦ୍ୱିବେଦୀ, ବନଜା ମିଶ୍ର, ମାଳତୀ ପଣ୍ଡା, ମମତା ନାୟକ, ମୋନାଲିସା ନାୟକ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ୭ମ, ୮ମ, ୯ମ ଶ୍ରେଣୀର ୪୦ରୁ ଉର୍ଦ୍ଧ୍ୱ ପିଲା ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । କୃତୀ ଛାତ୍ରଛାତ୍ରୀମାନଙ୍କୁ ଇନ୍ଟାକ୍ର ବାର୍ଷିକ ଅଧିବେଶନରେ ପୁରସ୍କୃତ କରାଯିବାକୁ ଘୋଷଣା କରାଯାଇଥିଲା । ସର୍ବଶେଷରେ ଇନ୍ଟାକ୍ ଚାପ୍ଟାର୍ର କାର୍ଯ୍ୟନିର୍ବାହୀ ସଦସ୍ୟ ମାତୃଦତ୍ତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଡିସେମ୍ବର ପହିଲା ସୁଦ୍ଧା....

ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ପଂଚାୟତିରାଜ ବିଭାଗ, ନଗର ଉନ୍ନୟନ ବିଭାଗ ତଥା ଜିଲ୍ଲାପାଳ ଓ ମ୍ୟୁନିସପାଲ କର୍ତ୍ତୃପକ୍ଷମାନେ ତୁରନ୍ତ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ ପ୍ରତି ଦୁଇ ବର୍ଷରେ ଥରେ ରାଜ୍ୟ ସରକାର ପେନ୍ସନ ହିତାଧିକାରୀ ମାନଙ୍କୁ ଗ୍ରୀଷ୍ମ ଓ ଶୀତ ସହାୟତା ଯୋଗାଇ ଦେଇଆସିଛନ୍ତି । ବର୍ତମାନ ସୁଦ୍ଧା ରାଜ୍ୟରେ ୮୫୫ଟି ଯାତ୍ରୀ ଆଶ୍ରୟସ୍ଥଳୀ ଖୋଲାଯାଇଥିବା ବେଳେ ଆବଶ୍ୟକସ୍ଥଳେ ପଂଚାୟତ କାର୍ଯ୍ୟାଳୟ ଓ ସ୍କୁଲ ଘର ଗୁଡିକୁ ମଧ୍ୟ ରାତ୍ରି ଆଶ୍ରୟସ୍ଥଳ ଭାବରେ ବ୍ୟବହାର କରିବାପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ନଭେମ୍ବର ୩୦ ଓ ଡିସେମ୍ବର ୧, ଏହି ଦୁଇ ଦିନ ମଧ୍ୟରେ ସବୁ ହିତାଧିକାରୀ ଯେପରି ଏ ସହାୟତା ପାଇବେ, ସେଥିପାଇଁ ପଦକ୍ଷେପ ନିଆଯିବ । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା, ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ତଥା ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।

### ଶ୍ରଦ୍ଧାଞ୍ଜଳିଙ୍କୁ ୧୪ ଘଣ୍ଟା, ଚନ୍ଦନଙ୍କୁ ୯ ଘଣ୍ଟା....

ଇଡି ରିମାଣ୍ଡରେ ଆଣିବା ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି । ଆସନ୍ତା ୩୦ରେ ଖୋର୍ଦ୍ଧା ଜିଲ୍ଲା ଦୌରାଜଜ୍ଙ୍କ କୋର୍ଟରେ ଇଡ଼ି ସେମାନଙ୍କୁ ରିମାଣ୍ଡ ଆଣିବାକୁ ଆବେଦନ କରିବାକୁ ପ୍ରସ୍ତୁତ ଚଳାଇଛି । ତେବେ ଏହା ପୂର୍ବରୁ ତାଙ୍କ ଲିଙ୍କ୍ରେ ଥିବା ବିଜନେସ୍ ପାର୍ଟନରଙ୍କ ଠାରୁ ଆରମ୍ଭ କରି ଅନୁଗତଙ୍କ ଯାଏଁ ସମସ୍ତଙ୍କୁ ସମନ କରି ତଥ୍ୟ ଏକାଠି କରୁଛି ଇଡି । ସୂଚନା ଥାଉକି, ଆଜି ସମୟ ସକାଳ ପ୍ରାୟ ସାଢ଼େ ୭ ବେଳେ ଦ୍ୱିତୀୟ ଥର ପାଇଁ ଇଡ଼ି ଅଫିସରେ ହାଜର ହୋଇଥିଲେ ହନିଟ୍ରାପ୍ ?ର ମୁଖ୍ୟ ସୂତ୍ରଧର କୁହାଯାଉଥିବା ଶ୍ରଦ୍ଧାଞ୍ଜଳି ବେହେରା । ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କ ଅଭିଯୋଗ ଆଧାରରେ ଇଡ଼ି ଆଜି ଶ୍ରଦ୍ଧାଞ୍ଜଳିଙ୍କୁ ଦ୍ୱିତୀୟ ଥର ଜେରା କରିଛି । କେମିତି ହେଉଥିଲା ବ୍ଲାକମେଲ୍ ଓ ଆର୍ଥିକ କାରବାର ? କାହା ମାଧ୍ୟମରେ ଟଙ୍କା ଆସୁଥିଲା ଅର୍ଚ୍ଚନାଙ୍କ ପାଖକୁ ? ଆଦାୟ ଅର୍ଥରୁ ଶ୍ରଦ୍ଧାଞ୍ଜଳିଙ୍କ ଭାଗ କେତେ ରହୁଥିଲା ? ଯଦି ସେ ଅର୍ଚ୍ଚନା, ଜଗବନ୍ଧୁ ଆଉ ଖଗେଶ୍ୱର୍ ଦ୍ୱାରା ବ୍ଲାକମେଲ୍ର ଶିକାର ହୋଇ ମୋହରା ସାଜୁଥିଲେ, ତେବେ ଏତେଦିନ ପରେ ବିଳମ୍ବରେ ଏତଲା ଦେବା ପଛର ରହସ୍ୟ କଣ ? ଏମିତି କିଛି ସମ୍ଭାବ୍ୟ ପ୍ରଶ୍ନ ପଚାରି ଇଡ଼ି ତଥ୍ୟ ହାତେଇଥିବା ସୂଚନା ମିଳିଛି ।

# ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ବାଲିଆପାଳରେ ବ୍ଲକ୍ସ୍ତରୀୟ କର୍ମଶାଳା




ବାଲିଆପାଳ,୨୫/୧୧ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ବାଲିଆପାଳ ବ୍ଲକ୍ ସଭାଗୃହରେ ନିର୍ବାଚିତ ସରପଂଚ ଓ ସମିତି ସଭ୍ୟଙ୍କ ପାଇଁ ଶିଶୁଙ୍କ ସୁରକ୍ଷା ଯତ୍ନ ଓ ଅଧିକାର ବିଷୟରେ ଏକଦିନ ସଭା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ବିଦୋଦ ପଣ୍ଡା ମୁଖ୍ୟ ଅତିଥି, ଉପାଧକ୍ଷ ଚୌଧୁରୀ ବନ୍ଦୁ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଂଯୋଜିକା ସଂଯୁକ୍ତା ରାଉତ ସ୍ୱାଗତ ଭାଷଣ ସହିତ ପ୍ରାରମ୍ଭିକ ସୂଚନା ଦେଇଥିଲେ । ବିଶେଷଜ୍ଞ ଭାବେ ପୂର୍ବତନ ଶିଶୁ ମଙ୍ଗଳ ସଭ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗ ଦେଇ ଶିଶୁ ଅଧିକାର, ଯତ୍ନ ଓ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ, ଥାନା ଅଧିକାରୀ, ପଞ୍ଚାୟତ ଅଧିକାରୀ, ଏଲପିଓ ମୁକ୍ତିବାନ ପଣ୍ଡା, ବାଦଲ ସିଲର, ପୁଷ୍ପଲତା ଜେନା ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବାଲିଆପାଳ ବ୍ଲକ୍ର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ଅଙ୍ଗନଓ୍ୱାଡ଼ି କର୍ମୀ, ହେଲପ୍ ଲାଇନ୍ର ଟିମ୍ ଲିଡର ତଥା ଅନ୍ୟାନ୍ୟ ଷ୍ଟେକ ହୋଲଡାର ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସବର୍ଣ୍ଣ ଅସବର୍ଣ୍ଣ ଗଣ୍ଡଗୋଳ ଥାନାରେ ମାମଲା

ବସ୍ତା, ୨୫/୧୧(ନିପ୍ର) ବସ୍ତା ଥାନା ସନ୍ତୋଷପୁର ଗ୍ରାମରେ ସବର୍ଣ୍ଣ ଅସବର୍ଣ୍ଣ ଙ୍କୁ ଜାତି ଉଠାଇ ଗାଳି ଓ ମାଡ଼ ମାରିବା ଘଟଣାରେ ବସ୍ତା ଥାନା ରେ ମାମଲା ରୁଜୁ ହୋଇଛି । ସୂଚନାରୁ ପ୍ରକାଶ ଏହି ଗ୍ରାମରେ ବାର୍ଷିକ ଶୀତଳା ପୂଜା ଚାଲିଥିବା ସମୟରେ ଅନିଲ କୁମାର୍ ଶତପଥୀ ନାମକ ଜଣେ ବ୍ୟକ୍ତି ଗ୍ରାମର ମଧ୍ୟଭାଗ ପୂଜା ସ୍ଥଳରେ ପହଞ୍ଚି ଗ୍ରାମର ମୁଖିଆ ଙ୍କୁ ନାନାଦି ଜାତି ଉଠାଇ ଗାଳି ଗୁଲଜ କରିବା ସହିତ ପୂଜା ସ୍ଥାନରେ ଥିବା ଗ୍ରାମର ଦୁଇ ତିନି ଜଣଙ୍କୁ ମାଡ଼ ମାରିଥିଲେ । ପରେ ଗ୍ରାମରେ ସବର୍ଣ୍ଣ ଓ ଅସବର୍ଣ୍ଣ ମଧ୍ୟରେ ତିକ୍ତତା ଲାଗିରହିଥିଲା । ଏହି ତିକ୍ତତାର ସୁଧାର ଆଣିବା ପାଇଁ ଗ୍ରାମର ବସ୍ତା ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଏସପିଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ । ପରେ ଏସପି ଙ୍କ ନିର୍ଦ୍ଦେଶ କ୍ରମେ ବସ୍ତା ପୋଲିସ ୩୧୦/୨୨ ରେ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଚଳାଇଛି । ପୂର୍ବରୁ ଶ୍ରୀ ଶତପଥୀ ଭେଲରା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ଜାଲିଆତି କରି ଭୂତ ନାମରେ ଜାଲ ନଥିପତ୍ର ଦେଇ ଋଣ କରିଥିବା ଅଭିଯୋଗରେ ଗିରଫ ହୋଇଥିବା ବେଳେ ତାଙ୍କ ନାମରେ ଏକାଧିକ ମାମଲା ରହିଛି । ମାତ୍ର ପୋଲିସ ତାଙ୍କୁ ଥାନାରେ ଅଟକ ରଖି ପରେ କାହାଚାପରେ ଛାଡ଼ିଲା ତାହା ସନ୍ଦେହ ଘେରକୁ ଠେଲିଥିବା ବେଳେ ଆଗାମୀ ଦୁଇଦିନ ମଧ୍ୟରେ ଅଭିଯୁକ୍ତ ଙ୍କୁ ଗିରଫ ନକଲେ ଥାନା ଘେରାଉ କରିବାକୁ ଧମକ ଦେଇଛନ୍ତି ଗ୍ରାମର ମୁଖିଆ କଙ୍କଣ ଜେନା ।

## ଆରମ୍ଭ ହେଲା ଜୀ-ସାର୍ଥକର ଲୋକପ୍ରିୟ ରିଅଲିଟି ଶୋ 'ଦିଦି ନମ୍ବର-୧' ର ସିଜନ-୨



ଭୁବନେଶ୍ୱର, ୨୫/୧୧ (ନି.ପ୍ର): ପ୍ରଥମ ସିଜନର ବିପୁଳ ସଫଳତା ପରେ ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକରେ ନଭେମ୍ବର ୨୧ ରୁ ସୋମବାରରୁ ରବିବାର ସନ୍ଧ୍ୟା ୫ ଟାରେ ରିଅଲିଟି ଶୋ 'ଦିଦି ନମ୍ବର -୧' ସିଜନ-୨ର ପୁନଃ ପ୍ରସାରଣ ଆରମ୍ଭ ହୋଇଯାଇଛି । ଏଥିପାଇଁ ଅଡିସନ ଆରମ୍ଭ ହୋଇଯାଇଛି । ଅଡିସନ ବିଷୟରେ ସବିଶେଷ ତଥ୍ୟ ଜାଣିବା ପାଇଁ 'ଜୀ-ସାର୍ଥକ'ର ସୋସିଆଲ ମିଡ଼ିଆ ପେଜ ସହ ଯୋଡ଼ି ହେବା ପାଇଁ ଦିଦି ନମ୍ବର-୧ ଟିମ ପକ୍ଷରୁ ସୂଚନା ଦିଆଯାଇଛି । ଜୀ ସାର୍ଥକର ଏହି ଲୋକପ୍ରିୟ ରିଅଲିଟି ଶୋ ମନୋରଞ୍ଜନ ସହ ମହିଳାମାନଙ୍କ ପାଇଁ ଏକ ନୂଆ ପରିଚୟ ସୃଷ୍ଟି କରିବାରେ ସହାୟକ ହୋଇଛି । ପରିବାର ଓ ଦାୟିତ୍ୱ ମଧ୍ୟରେ ସବୁବେଳେ ଛନ୍ଦି ହୋଇ ରହୁଥିବା ମହିଳାମାନଙ୍କ ଆତ୍ମବିଶ୍ୱାସ ବଢାଇବା ପାଇଁ ଦିଦି ନମ୍ବର-୧ ଏକ ମାଧ୍ୟମ ହୋଇଛି । ଦର୍ଶକ ଏବଂ ପ୍ରତିଯୋଗୀଙ୍କ ଦ୍ୱାରା ବହୁଳ ଭାବରେ ଆଦୃତ 'ଦିଦି ନମ୍ବର-୧' ରିଅଲିଟି ଶୋର, ପ୍ରଥମ ସିଜନ ଅପେକ୍ଷା ସିଜନ-୨ ରେ, ନୂଆ ନୂଆ ଖେଳ ସହ ଆହୁରି ଅଧିକ ମଜାଦାର ହେବ ଓ ପ୍ରତିଯୋଗୀମାନଙ୍କ ପାଇଁ ଅଧିକ ଆକର୍ଷଣୀୟ ଉପହାର ନେଇ ଆସିଛି । ପ୍ରଥମ ଥର ପାଇଁ ଜୀ-ସାର୍ଥକ ଆଣିଛି ପ୍ରତିଯୋଗୀମାନଙ୍କ ପାଇଁ ସିଧା ସଳଖ ଟଙ୍କା ଗଛ ରୁ ଟଙ୍କା ତୋଳିବାର ଏକ ଅଦ୍ଭୁତ ଖେଳ ଏହା ଛଡା ଖେଳରେ ଖେଳରେ ପ୍ରତିଯୋଗୀମାନେ ସୁନା ବି ଜିତି ନିଜ ଘରକୁ ନେଇ ପାରିବେ । ନିଜର ଚୁଲବୁଲି ଅନ୍ଦାଜ ସହ ଲିପି ମହାପାତ୍ର ଏହାର ଉପସ୍ଥାପନା ଜାରି ରଖିବେ ବୋଲି ଟିମ ପକ୍ଷରୁ ସୂଚନା ଦିଆଯାଇଛି ।

# ଅନ୍ତର୍ଜାତୀୟ ମହିଳା ବିରୋଧ ହିଂସା ନିରାକରଣ ଦିବସ




ଭଦ୍ରକ, ୨୫/୧୧ (ନି.ପ୍ର): ସୋସାଇଟି ଫର ଉଇକର କମ୍ୟୁନିଟର ସଂପାଦିକା ସୋଫିଆ ସେକ୍ଙ୍କ ସଭାପତିତ୍ୱରେ ବାଇପାସ ସ୍ଥିତ ଆସିଆନା ସଭାଗୃହରେ ଅର୍ନ୍ତଜାତୀୟ ମହିଳା ବିରୋଧ, ହିଂସା ନିରାକରଣ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସୁରକ୍ଷା ତଥା ପ୍ରୋଗ୍ରାମ ଅଧିକାରିଣୀ ଚନ୍ଦ୍ରା ସାହୁ ଯୋଗଦେଇ ଦିବସର ବିଷୟ ବସ୍ତୁ "ମହିଳା ଓ ଝିଅଙ୍କ ବିରୁଦ୍ଧରେ ହିଂସାର ଦମନ ପାଇଁ ସଂକ୍ରୀୟତା"ର ଆବଶ୍ୟକତା ଅଛି ବୋଲି କହିବା ସଂଗେ ସଂଗେ ବିଭିନ୍ନ ଆଇନ୍ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତାଭାବେ ଅଖିଳ ଭାରତୀୟ ଗଣତନ୍ତ୍ରିକ ମହିଳା ସମ୍ମିତିର ସଭାନେତ୍ରୀ ସୁରଚିତା ନାୟକ ଯୋଗଦେଇ ଘୋରଇ ହିଂସ, କର୍ମକ୍ଷେତ୍ରରେ ହିଂସା, ଶାରିରୀକ ଅତ୍ୟାଚାର, ମାନବ ଚାଲଣ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସଂପାଦିକା ସେକ ସୋଫିଆ ନିଜ ବକ୍ତବ୍ୟରେ ଦିନକୁ ଦିନ ମହିଳାଙ୍କ ଉପରେ ହିଂସା ବଢ଼ି ଚାଲିଛି ଏବଂ କୋଠର ଆଇନ୍ର ଆବଶ୍ୟକ ଅଛି ବୋଲି କହିଥିଲେ । ଏହି ଦିବସ ଅବସରରେ ୧୬ଦିନ କେମ୍ପନ୍ ଡିସେମ୍ବର ୧୦ପର୍ଯ୍ୟନ୍ତ ପାଳିତ ହେବ । ଏହି କାର୍ଯ୍ୟକ୍ରମରେ ଆସିଆନାର ସ୍ୱାଧାର ଗୃହର ଅନ୍ତେବାସୀ ଓ ମୁକ୍ତାଶ୍ରେୟର କେନ୍ଦ୍ରର ଅନ୍ତେବାସୀମାନେ ଯୋଗ ଦେଇଥିଲେ । ଶେଷରେ ସ୍ୱାଧାର ଗୃହର ପରାମର୍ଶ ଦାତ୍ରୀ ଅନିମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଗୃହର ଅଧିକ୍ଷକ ସବାନା ସେକ, କର୍ମକର୍ତ୍ତା ଶାନ୍ତିଲତା ସ୍ୱାଇଁ, ଭାଗ୍ୟଶ୍ରୀ ମହାକୁଡ, କାଦମ୍ବିନୀ ଜେନା, ଅର୍ଚ୍ଚନା ନାୟକ, ମମତା ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ମହାରାଜା କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ମାସିକ ସାରସ୍ୱତ ଆଲୋଚନାଚକ୍ର



ବାରିପଦା, ୨୫/୧୧ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ତରଫରୁ ଏମକେସି ହାଇସ୍କୁଲ ପରିସରରେ ମାସିକ ସାରସ୍ୱତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସଂସଦର କାର୍ଯ୍ୟକାରୀ ସଭାପତି କୁଞ୍ଜବାଳା ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ "ଓଡିଆ ସାହିତ୍ୟକୁ ଏମକେସି ହାଇସ୍କୁଲ ଅବଦାନ" ଶୀର୍ଷକ ବିଷୟବସ୍ତୁ ଉପରେ ନିବନ୍ଧ ପାଠ କରାଯାଇଥିଲା । ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସରୋଜ ନାୟକ ଓ ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଡାପାଳର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ଆଲୋଚକ ଭାବେ ଯୋଗ ଦେଇଥିଲେ । ଏମକେସି ହାଇସ୍କୁଲରେ ଅଧାପନା କରିଥିବା ଶିକ୍ଷକ ଓ ଅଧ୍ୟୟନ କରିଥିବା ଛାତ୍ରମାନଙ୍କ ସୃଷ୍ଟିରେ ଓଡିଆ ସାହିତ୍ୟ ଋଦ୍ଧିମନ୍ତ ବୋଲି ମତପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ସୁଶୀଲ କୁମାର ମହାନ୍ତ, ଶିକ୍ଷକ ଲକ୍ଷ୍ମୀ ନାରାୟଣ ମହାନ୍ତ, ଅର୍ଜୁନ କୁମାର ଜେନା, ସ୍ମୃତିରଞ୍ଜନ ନାୟକ, ମୃତ୍ୟୁଞ୍ଜୟ ମହାନ୍ତ, ଚିତ୍ତରଞ୍ଜନ ଗିରି ଓ ସଭ୍ୟ ସିଦ୍ଧାର୍ଥ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ନୀଳଗିରି ଆଇ.ଟି.ଡି.ଏ. ଅଫିସ ଆଗରେ ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀଙ୍କ ଧାରଣା



ନୀଳଗିରି, ୨୫/୧୧ (ନି.ପ୍ର): ଭାରତ ବର୍ଷରେ ଯେକୌଣସି ନାଗରିକ ନିଜର ମୌଳିକ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଗଣତାନ୍ତ୍ରିକ ଭିତିରେ ଧାରଣା, ଗଣଧାରଣା, ଆମରଣ ଅନଶନ ଇତ୍ୟାଦି କରିପାରିବ । ସେହି ପରିପ୍ରେକ୍ଷୀରେ ନୀଳଗିରିର ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ ନୀଳଗିରି ଆଇ.ଟି.ଡି.ଏ ଅଫିସ ଆଗରେ ନିଜ ସମର୍ଥକଙ୍କୁ ଧରି ଧାରଣାରେ ବସିଥିବା ବେଳେ ଧାରଣାକୁ ଭଣ୍ଡୁର କରିବା ପାଇଁ ଧାରଣାକାରୀଙ୍କ ଉପରକୁ ବାଡଡଙ୍କ ପକାଇବା ସହ ଧାରଣାକାରୀଙ୍କୁ କିଛି ଗୁଣ୍ଡା ପ୍ରକୃତିର ଲୋକ ଅଯଥାରେ ପାଟିତୁଣ୍ଡ କରିବା ସହ ଠେଲାପେଲା କରିଥିଲେ । ଏ ସମସ୍ତ ଘଟଣାକୁ ଭ୍ରୁକ୍ଷେପ ନ କରି ଶ୍ରୀ ଷଡ଼ଙ୍ଗୀ ନିଜ ସମର୍ଥକଙ୍କୁ ଧରି ଧାରଣାରେ ବସିଥିଲେ । ସୂଚନାଥାଉକି ଶ୍ରୀ ଷଡ଼ଙ୍ଗୀ ନୀଳଗିରି ଆଇ.ଟି.ଡି.ଏରେ ବିଭିନ୍ନ ପ୍ରକଳ୍ପ ଓ ଯୋଜନା ବାବଦରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ । ସଠିକ୍ ସମୟରେ ତଥ୍ୟ ନ ଦେବା ପାଇଁ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ରୋକଠୋକ ମନା କରିଦେଇଥିଲେ । ଏ ନେଇ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଗୋଚର କରିଥିଲେ । କୌଣସି ସଫଳ ନ ମିଳିବାରୁ ଶୁକ୍ରବାର ଦିନ ଶ୍ରୀ ଷଡ଼ଙ୍ଗୀ ନିତି ନିୟମ ଅନୁଯାଇ ଆଇ.ଟି.ଡି.ଏ. ଅଫିସ ଆଗରେ ଧାରଣାରେ ବସିଥିଲେ । ଆଇ.ଟି.ଡି.ଏ. ଦୁର୍ନିତୀକୁ କାଳେ ବାହାରେ ପ୍ରକାଶ ହୋଇଯିବ ସେ ନେଇ କାର୍ଯ୍ୟାଳୟର ପି.ଆଇ.ଓ. ତଥା ଯନ୍ତ୍ରୀ ରତିକାନ୍ତ ମଢ଼େଇ ତଥ୍ୟ ଦେଇ ନ ଥିଲେ । ତାଙ୍କ ନିର୍ଦ୍ଦେଶରେ ଧାରଣାକାରୀଙ୍କ ଉପରେ ହୋଇଥିବା ଆକ୍ରମଣକୁ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଖୁଲମଖୁଲା ଅଭିଯୋଗ କରିଥିଲେ । ରତିକାନ୍ତ ମଢ଼େଇ ନିଜେ କରିଥିବା ଦୁର୍ନିତୀକୁ ଭଣ୍ଡୁର କରିବା ପାଇଁ ଏପରି ଯୋଜନା କରିଥିବା ଶ୍ରୀ ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ପରେ ଗଣ୍ଡଗୋଳ ସ୍ଥଳରେ ପୋଲିସ ପହଂଚିବା ପରେ ଗଣ୍ଡଗୋଳକାରୀଙ୍କୁ ଘଟଣାସ୍ଥଳରୁ ହଟାଇ ଥିଲେ । ଦିନ ପ୍ରାୟ ୩ଟା ସମୟରେ ନୀଳଗିରି ଉପଜିଲ୍ଲାପାଳ ମନ୍ଦାରଧର ମହାଳିକ, ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ, ସହକାରୀ ଜିଲ୍ଲାପାଳ ସିଦ୍ଧାର୍ଥ ପରିଡ଼ା, ଆଇ.ଆଇ.ସି. ଗୋପାଳ ଚନ୍ଦ୍ର କର୍ଣ୍ଣ ଧାରଣାସ୍ଥଳରେ ପହଂଚି ଧାରଣାରେ ବସିଥିବା ଚିତରଂଜନ ଷଡ଼ଙ୍ଗୀଙ୍କୁ ଧାରଣାରୁ ଉଠିଯିବା ପାଇଁ ନିବେଦନ କରିବା ସହ ୮ଦିନ ମଧ୍ୟରେ ମାଗିଥିବା ତଥ୍ୟ ପ୍ରଦାନ କରାଯିବାର ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ଜେ.ଏସ.ଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ପାରାଦୀପ କଲେଜରେ କ୍ୟାଣ୍ଟିନ ଓ ଇ-ଲାଇବ୍ରେରୀ ପାଇଁ କୋଡ଼ିଏ ଲକ୍ଷ ଟଙ୍କା ପ୍ରଦାନ




ପାରାଦୀପ, ୨୫/୧୧ (ନି.ପ୍ର): ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ଓ ମୋ କଲେଜ ଅଭିଯାନର ମିଳିତ ସହଯୋଗରେ ପାରାଦୀପ କଲେଜରେ ଏକ ନୂତନ କ୍ୟାଣ୍ଟିନ ଗୃହ ଓ ଇ ଲାଇବ୍ରେରୀ ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଆଜି ମହାବିଦ୍ୟାଳୟ ପରିସରରେ ଏହାର ଶିଳାନ୍ୟାସ କରାଯାଇଛି । ଏହି ଶୁଭ ଅବସରରେ ଜେଏସଡବ୍ଲ୍ୟୁ ଟର୍ମିନାଲର ପ୍ରୋଜେକ୍ଟ ମୁଖ୍ୟ ଶ୍ରୀ ପି. ସି. ଝାଞ୍ଜି, ମୁଖ୍ୟ ଅତିଥି, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କାହ୍ନୁ ଚରଣ ଧୀର ବିଶେଷ ସମ୍ମାନିତ ଅତିଥି, ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ଓଡିଶା ସି ଏସ ଆର ମୁଖ୍ୟ ଶ୍ରୀ ପ୍ରଶାନ୍ତ ବିଶ୍ୱାଳ, ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ଶ୍ରୀ ବସନ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଶିଳାନ୍ୟାସ କରିଥିଲେ । ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ମୋ କଲେଜ ଅଭିଯାନ ମାଧ୍ୟମରେ କୋଡ଼ିଏ ଲକ୍ଷ ଟଙ୍କା ଓ ମୋ କଲେଜ ଅଭିଯାନ ତରଫରୁ ୪୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଯାହା ଫଳରେ ସମୁଦାୟ ୬୦ ଲକ୍ଷ ଟଙ୍କା ବ୍ୟୟରେ ଏହି ଦୁଇଟି ଗୃହ ନିର୍ମାଣ କାର୍ଯ୍ୟ କରାଯିବ । ଏହା ଦ୍ୱାରା ମହାବିଦ୍ୟାଳୟ ପାଠ ପଢୁଥିବା ପ୍ରାୟ ୧୮୦୦ ଛାତ୍ରଛାତ୍ରୀ ମାନେ ଉପକୃତ ହୋଇପାରିବେ । ଦୀର୍ଘ ବର୍ଷ ଧରି ଏହି ମହାବିଦ୍ୟାଳୟ ପରିସରରେ ଏକ ଉନ୍ନତ ମାନର କ୍ୟାଣ୍ଟିନ ନ ଥିଲା ବେଳେ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ମହାବିଦ୍ୟାଳୟକୁ ଆଖପାଖ ଅଞ୍ଚଳ ସହିତ ରାହାମା, କୁଜଙ୍ଗ, ମାର୍ଶାଘାଇ, ମହାକାଳପଡ଼ା, ଖରନାସୀ ଭଳି ଅନେକ ଗାଁ ରୁ ତଥା କେନ୍ଦ୍ରାପଡ଼ା ଜିଲ୍ଲାରୁ ଶତାଧିକ ଛାତ୍ରଛାତ୍ରୀ ଦୈନିକ ପାଠ ପଢ଼ିବାକୁ ଆସନ୍ତି । ଛାତ୍ରଛାତ୍ରୀ ମାନଙ୍କ ପାଇଁ କଲେଜ ପରିସରରେ ଜଳଖିଆ ଓ ଖାଦ୍ୟ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଦୂରଦୂରାନ୍ତ ଅଂଚଳର ଛାତ୍ରଛାତ୍ରୀ ମାନେ ସମସ୍ୟାର ସମ୍ମୁଖୀନ ହେଉଥିଲେ । କ୍ୟାଣ୍ଟିନ ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ କରିବାରେ ବିଶେଷ ସହାୟତା କରିବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ଶତପଥୀ ପ୍ରକାଶ କରିଥିଲେ । ଇ - ଲାଇବ୍ରେରୀ ମାଧ୍ୟମରେ ଛାତ୍ରଛାତ୍ରୀ ମାନେ ସହଜରେ ଉନ୍ନତ ମାନର ଡିଜିଟାଲ ପାଠ୍ୟ ପୁସ୍ତକ ସହିତ ପାଠ୍ୟକ୍ରମ ସମ୍ବନ୍ଧୀୟ ଅଧିକ ଶିକ୍ଷା ଗ୍ରହଣ କରି ପାରିବେ ବୋଲି ମହାବିଦ୍ୟାଳୟ ପକ୍ଷରୁ କୁହାଯାଇଛି । ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷା ଡକ୍ଟର ଶସ୍ମିତା ଶତପଥି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ ବିଗତ ଦିନରେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ପାରାଦୀପ ସହରାଞ୍ଚଳରେ ବିଭିନ୍ନ ବସ୍ତି,ଓ୍ୱାର୍ଡ,ଓ ବିଦ୍ୟାଳୟ ମାନଙ୍କରେ ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟାଳୟ ଉପକରଣ ପ୍ରଦାନ, ସୋଲାର ଲାଇଟ୍ ସ୍ଥାପନ, ବୃକ୍ଷରୋପଣ ଆଦି ଅନେକ ଉନ୍ନୟନମୂଳକ କାର୍ଯ୍ୟ କରି ଆସୁଛନ୍ତି । ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକୁ ପୌର ପରିଷଦର ଅଧ୍ୟକ୍ଷ ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ ସହ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ଶସ୍ମିତା ଶତପଥୀ ପ୍ରଶଂସା କରିବା ସହିତ କୃତଜ୍ଞତା ଜ୍ଞାପନ କରିଥିଲେ ।

